# ଭାରତକୁ ୩୮୦୦କୋଟିର ସହାୟତା କରିବ ଆମେରିକା

**ରୁଷିଆ ଅସ୍ତ୍ର ଉପରେ ନିର୍ଭରଶୀଳତାକୁ ହ୍ରାସ କରିବାକୁ ଉଦ୍ୟମ**



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଅସ୍ତ୍ରଶସ୍ତ୍ର ପାଇଁ ରୁଷିଆ ଉପରେ ଭାରତର ନିର୍ଭରଶୀଳତାକୁ ହ୍ରାସ କରିବା ଦିଗରେ ଆମେରିକା ବର୍ତ୍ତମାନ ଏକ ବଡ ପଦକ୍ଷେପ ଗ୍ରହଣ କରିପାରେ। ଭାରତକୁ ୫୦୦ମିଲିୟନ ଡାଲର ତଥା ପ୍ରାୟ ୩୮୦୦କୋଟି ଟଙ୍କାର ସାମରିକ ସହାୟତା ଯୋଗଦେବାକୁ ଚିନ୍ତା କରୁଛି ଆମେରିକା ଏତେ ପରିମାଣର ଅର୍ଥ ଦେବା ପଛରେ ଆମେରିକାର ଉଦ୍ଦେଶ୍ୟ ହେଉଛି ଭାରତ ସହିତ ଏହାର ପ୍ରତିରକ୍ଷା ସମ୍ପର୍କକୁ ମଜବୁତ କରିବା ଏନେଇ ବୁଧବାର ବ୍ଲୁମବର୍ଗ ପକ୍ଷରୁ କୁହାଯାଇଛି ଯଦି ଭାରତକୁ ଏହି ରାଶି ମିଳେ ତେବେ ଇସ୍ରାଏଲ ଏବଂ ଇଜିପ୍ଟ ପରେ ଆମେରିକାରୁ ସର୍ବବୃହତ ସାମରିକ ସହାୟତା ମିଳୁଥିବା ଦେଶରେ ପରିଣତ ହେବ ଆମେରିକାର ଆସନ୍ତୋଷକୁ ଅଣଦେଖା କରି ଯେତେବେଳେ ଭାରତ ରୁଷିଆର ମିଶାଇଲ୍ ଡିଫେନ୍ସ ସିଷ୍ଟମ ଏସ୍ -୪୦୦କୁ ମୁତୟନ ଯାଉଥିବା ସମୟରେ ଏହି ଖବର ସାମ୍ନାକୁ ଆସିଛି। ଅନ୍ୟପଟେ ଆମେରିକାର ଜଣେ ବିରଷ୍ଠ ଅଧିକାରୀ କହିଛନ୍ତି, ଏହି ସହାୟତା ପଛରେ ଆମେରିକାର ଉଦ୍ଦେଶ୍ୟ ଭାରତ ଅସ୍ତ୍ରଶସ୍ତ୍ର ପାଇଁ ରୁଷିଆ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା କାରଣ ଭାରତ ହେଉଛି ରୁଷିଆ ଅସ୍ତ୍ରଶସ୍ତ୍ରର ସବୁଠାରୁ ବଡ କ୍ରେତା ବୋଲି ବ୍ଲୁମବର୍ଗ କହିଛି।

# ଆସନ୍ତା ୨୫ ବର୍ଷ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ପଡିବ:ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାଜପାକୁ ଆସନ୍ତା ୨୫ ବର୍ଷ ପାଇଁ ରଣନୀତି ଏବେ ଠାରୁ ପ୍ରସ୍ତୁତ କରିବାକୁ ପଡିବ। ଏ ନେଇ ଶୁକ୍ରବାର ଭିଡିଓ କନଫରେନ୍ସ ଜରିଆରେ ଜୟପୁରଠାରେ ଭାଜପାର ଜାତୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରକୃତ ହିତାଧିକାରୀମାନେ ଯେମିତି ସରକାରଙ୍କ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ପଡିବ। ଚଳିତ ମାସରେ ଏନଡିଏ ସରକାରଙ୍କୁ ୮ ବର୍ଷ ପୂରିବ। ଏହି ୮ ବର୍ଷ ମଧ୍ୟରେ ଆମେ ପ୍ରତିଶ୍ରୁତିବଦ୍ଧ ହୋଇ ସେବା କରିଛୁ। ଉତ୍ତର ଶାସନ ଓ ଗରିବଙ୍କ କଲ୍ୟାଣ ପାଇଁ ଏହି ୮ ବର୍ଷ ମଧ୍ୟରେ ଅନେକ କିଛି କରାଯାଇଛି। ଚାଷୀ, ଶ୍ରମିକ ଓ ମଧ୍ୟବିତ୍ତଙ୍କ ଆଶା ୮ ବର୍ଷ ମଧ୍ୟରେ ପୂରଣ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଅବସର ବୟସ ଓ ପେନ୍‌ସନ୍ ବଢିବ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସରକାରୀ କର୍ମଚାରୀଙ୍କ ଲାଗି ଖୁସି ଖବର। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା କମିଟି ପକ୍ଷରୁ ଏକ ପରାମର୍ଶ ଦିଆଯାଇଛି। ଯେଉଁଥିରେ କୁହାଯାଇଛି କି ଦେଶରେ ଲୋକମାନଙ୍କର କାମ କରିବାର ବୟସ ସୀମା ବଢାଯିବା ଆବଶ୍ୟକ ରହିଛି। ଏହାସହ ପିଏମ୍‌ଙ୍କ ଅର୍ଥନୈତିକ ପରାମର୍ଶଦାତା କମିଟି କହିଛନ୍ତି କି ଦେଶରେ ଅବସରନେବାର ବୟସ ବୃଦ୍ଧି କରାଯିବା ସହ ୟୁନିଭର୍ସାଲ୍ ପେନ୍‌ସନ୍ ସିଷ୍ଟମ ବି ଆରମ୍ଭ କରାଯିବା ଆବଶ୍ୟକ ରହିଛି। ଏଥିପାଇଁ ସମିତି ପକ୍ଷରୁ ପ୍ରସ୍ତାବ ପଠାଯାଇଛି। ରିପୋର୍ଟ ଅନୁସାରେ ଏହି ପରାମର୍ଶ ଅନୁଯାୟୀ କର୍ମଚାରୀମାନଙ୍କୁ ପ୍ରତି ମାସ ୨ ହଜାର ଟଙ୍କାର ପେନ୍‌ସନ୍ ଦେବାକୁ କୁହାଯାଇଛି। ଅର୍ଥନୈତିକ ପରାମର୍ଶଦାତା କମିଟି ପକ୍ଷରୁ ଦେଶରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ସୁବ୍ୟବସ୍ଥାର ବନ୍ଦୋବସ୍ତ କରିବାକୁ ସୁପାରିଶ କରାଯାଇଛି।

# ଖାଦ୍ୟାଭାବରେ ଗତି କରୁଛନ୍ତି ୨୭.୬ କୋଟି ଲୋକ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଶ୍ୱରେ ଏବେ ଘୋର ଖାଦ୍ୟ ସଂକଟ। ଗ୍ରାସିଛି ଭୋକର କରାଳ ରାକ୍ଷସ। ଏହାକୁ ନେଇ ଜାତିସଂଘ ଗଭୀର ଚିନ୍ତାପ୍ରକଟ କରିଛି। ଜାତିସଂସ ସେକ୍ରେଟାରୀ ଜେନେରାଲ୍ ଏଣ୍ଟୋନିୟୋ ଗୁଟେରସ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି ବିଶ୍ୱର ବୃହତ ଭୂଖଣ୍ଡ ଖାଦ୍ୟ ଅଭାବରେ ଗତି କରୁଛି। କ୍ରମାଗତ ଭାବେ ଖାଦ୍ୟ ପାଇବାରୁ ବଞ୍ଚିତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି। ବର୍ତ୍ତମାନ ଖାଦ୍ୟସଂକଟରେ ଗତି କରୁଥିବା ଲୋକଙ୍କ ସଂଖ୍ୟା ଦୁଇଗୁଣା ବୃଦ୍ଧି ହୋଇଛି। ଦୁଇବର୍ଷ ପୂର୍ବରୁ ଏହି ସଂଖ୍ୟା ୧୩.୫ କୋଟି ଥିବାବେଳେ ବର୍ତ୍ତମାନ ଏହା ୨୭.୬ କୋଟିରେ ପହଞ୍ଚିଛି।



ଗତ ଏକଦଶନ୍ଧି ହେବ ଖାଦ୍ୟାଭାବ ମୁଖ୍ୟତଃ ୩ଟି କାରଣ ଯୋଗୁଁ ଅଧିକ ଉତ୍କଟ ହୋଇଥିବା ଜଣାଯାଇଛି। ଜଳବାୟୁ ପରିବର୍ତ୍ତନ ଓ ଏ ନେଇ ସୃଷ୍ଟି ହୋଇଥିବା ମରୁଡି ପରିସ୍ଥିତି ଯୋଗୁଁ ୧ କୋଟି ୭୦ଲକ୍ଷ ଲୋକ ଖାଦ୍ୟ ସଂକଟର ସମ୍ମୁଖୀନ ହେଉଛନ୍ତି। ଆଉ ନିଆଁରେ ଘିଅ ଢାଳିବା ପରି କୋଭିଡ୍ ପରିସ୍ଥିତି ଏହି ଖାଦ୍ୟ ସଂକଟ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। କରୋନା ଭାଇରସ୍ ଯୋଗୁଁ କାମଧନ୍ଦା ବନ୍ଦ ହୋଇଯିବା ଯୋଗୁଁ ବୈଶ୍ୱିକ ଅର୍ଥବ୍ୟବସ୍ଥା ରସାତଳଗାମୀ ହୋଇଯାଇଛି। ଫଳରେ ଲୋକଙ୍କ ପାଖରେ ଖାଦ୍ୟସାମଗ୍ରୀ ପହଞ୍ଚିବା ବୃହତ୍ ସମସ୍ୟା ହୋଇଛି।

ସେହପରି ରୁଷ ଓ ୟୁକ୍ରେନ୍ ସାରା ବିଶ୍ୱର ଏକ ତୃତୀୟାଂଶ ଗହମ, ଯଅ, ସୂର୍ଯ୍ୟମୁଖୀ ତେଲ ଅମଳ କରିଥାନ୍ତି। ପୋଟାଶ ଅମଳ କ୍ଷେତ୍ରରେ ରୁଷ ଓ ବେଲାରୁଶ୍ ବି ବିଶ୍ୱର ଦ୍ୱିତୀୟ ସ୍ଥାନରେ। କିନ୍ତୁ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଖାଦ୍ୟ ସମସ୍ୟାକୁ ଅଧିକ ରୁଗ୍‌ଣ କରିପକାଇଛି। ଗୁଟରେସ୍ କହିଛନ୍ତି କି ଏବେ ସମୟ ଆସିଛି ସାରା ବିଶ୍ୱ ଏକଜୁଟ ହୋଇ ଭୋକର କରାଳ ରାକ୍ଷସକୁ ପରାସ୍ତ କରିବା ଓ ଲୋକଙ୍କୁ ଏକ ସୁନ୍ଦର ଜୀବନ ଜୀଇଁବା ପାଇଁ ଦେବ। ଆମ ସମସ୍ତଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଡିବ। ଏଥିପାଇଁ ସେ ଏମରଜେନ୍ସି ଫଣ୍ଡ ଘୋଷଣା କରିଛନ୍ତି। ଲୋକଙ୍କ ପାଖରେ ଖାଦ୍ୟ ସାମଗ୍ରୀ ପହଞ୍ଚାଇବା ପାଇଁ ୨୧.୫ କୋଟି ଡଲାରର ଅର୍ଥରାଶି ସହାୟତା କରିଛନ୍ତି।

ଅନ୍ୟପକ୍ଷରେ ୟୁନାଇଟେଡ୍ ନେସନ୍ ଚିଲ୍ଡ୍ରେନ୍ ଫଣ୍ଡ(ୟୁନିସେଫ୍) ତା'ର ରିପୋର୍ଟରେ କୁପୋଷଣ ଶିଶୁଙ୍କୁ ନେଇ ଆଲର୍ଟ ଜାରି କରିଛି। ୟୁନିସେଫ୍ କହିଛି କି ରୁଷ-ୟୁକ୍ରେନ୍ ଯୁଦ୍ଧ, କରୋନା ଭାଇରସ୍ ଓ ଜଳବାୟୁ ପରିବର୍ତ୍ତନ କାରଣରୁ ବିଶ୍ୱରେ କୁପୋଷଣ ଶିଶୁଙ୍କ ସଂଖ୍ୟା କ୍ଷୀପ୍ର ବୃଦ୍ଧି ପାଉଛି। ଏଥିସହ ଖାଦ୍ୟ ସଂକଟ ଯୋଗୁଁ ୬ଲକ୍ଷ ଶିଶୁଙ୍କ ଜୀବନ ବିପନ୍ନକୁ ଚାଲିଯାଇଛି ବୋଲି ସେ କହିଛନ୍ତି।

# ଜୁନ୍‌ରେ ୪ର୍ଥ ଲହର !




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତରେ କରୋନା ସଂକ୍ରମଣ ନିକଟରେ ସାମାନ୍ୟ ବୃଦ୍ଧି ପାଇଥିବା ଦେଖାଯାଇଛି। ଚୀନ ଓ ଉତ୍ତର କୋରିଆରେ କରୋନା ଭୟଙ୍କର ଭାବେ ମାଡିବା ଆରମ୍ଭ କଲାଣି। ତେବେ ଏଭଳି ସ୍ଥିତିରେ ଆଗକୁ ୪ର୍ଥ ଲହର ଆସିବାର ଆଶଙ୍କା କରାଯାଉଛି। ଆସନ୍ତା ଜୁନ୍ ମାସ ଶେଷ ସୁଦ୍ଧା କରୋନାର ନୂଆ ଲହର ଆସିବା ନେଇ ଚର୍ଚ୍ଚା ଆରମ୍ଭ ହେବା ପରେ ପୁଣି ଦେଶବାସୀଙ୍କ ଚିନ୍ତା ବଢିଯାଇଛି। ଏ ନେଇ ଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସସ(ଏମ୍ସ)ର ପୂର୍ବତନ ନିର୍ଦ୍ଦେଶକ ଡା. ଏମସି ମିଶ୍ର ନିଜର ମତାମତ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ୩ୟ ଲହର ସମୟରେ କରୋନା ସଂକ୍ରମଣ ଏକ ଲକ୍ଷ ପହଞ୍ଚିବା ପରେ ସଂକ୍ରମଣ ହ୍ରାସ ପାଇଥିଲା। ଗତ ଏପ୍ରିଲ୍ ମାସରେ ସଂକ୍ରମଣରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିଥିଲା। ତେବେ ଯଦିଓ ଭାରତରେ ସଂକ୍ରମଣ ସାମାନ୍ୟ ରହିଛି, ତେବେ ଭାଇରସ୍ ଦେଶରେ ଏବେ ବି ରହିଛି, ତାହା ସ୍ପଷ୍ଟ।

କରୋନାର ୪ର୍ଥ ଲହର ନା ଆସିବା ମଧ୍ୟ ଭାଇରସ୍ ଚାଲିଯାଇଛି ଏହା ଭାବିବା ଭୁଲ୍। ଦେଶରୁ ଭାଇରସ୍ ସଂପୂର୍ଣ୍ଣ ଭାବେ ବିନାଶ ହୋଇନାହିଁ। ଶକ୍ତି ସଂଗ୍ରହ କରିବା ପରେ ଭାଇରସ୍ ପୁଣି ଜାଗ୍ରତ ହୋଇ ଉଠିବ। ବର୍ତ୍ତମାନ କିଛି ସଂକ୍ରମିତ ଲୋକ ମଧ୍ୟ କୋଭିଡ୍‌ରେ ମୃତ୍ୟୁବରଣ କରୁଛନ୍ତି। ଏହି ମୃତ୍ୟୁ ସଂଖ୍ୟା ନ୍ୟୁନ ହୋଇପାରେ। ମାତ୍ର ବିପଦ ହଟିନାହିଁ। ତେଣୁ ସମସ୍ତେ କୋଭିଡ୍ ଗାଇଡ୍‌ଲାଇନ୍ ମାନିବା ଜରୁରୀ।

# ବିଶ୍ୱର-ଟପ୍ ୧୦ଆର୍ମି ପାୱାର ଦେଶ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୧- ଆମେରିକା ପାଖରେ ବିଶ୍ୱର ସବୁଠାରୁ ପାଓ୍ୱରଫୁଲ ଆର୍ମି ଶକ୍ତି ରହିଛି। ଆମେରିକା ପାଖରେ ୧୨.୫୨ ଲକ୍ଷରୁ ଅଧିକ ସୈନ୍ୟ, ୪୪୦୦ରୁ ଅଧିକ କୁ ଏୟାରକ୍ରାଫ୍ଟସ, ୬୧୦୦ଟ୍ୟାଙ୍କ, ୪୦ହଜାର ବାହନ,୬୧୦୦ଟ୍ୟାଙ୍କ, ୪୦ହଜାର ବାହନ, ୧୫୦୦ ସେଲ୍ସ ପ୍ରୋପେଲ୍ଡ ତୋପ, ୧୩୬୫ରକେଟ ରହିଛି।

୨- ରୁଷର ସ୍ଥଳସେନାକୁ ରୁଷୀ ଗ୍ରାଉଣ୍ଡ ଫୋର୍ସ କୁହାଯାଏ। ସେଥିରେ ୨.୮ଲକ୍ଷରୁ ଅଧିକ ଆକ୍ଟିଭ ଯବାନ, ୧୩ହଜାର ଟ୍ୟାଙ୍କ, ୨୭, ୧୦୦ବାହନ, ୬୫୪୦ସେଲ୍ସ ପ୍ରୋପେଲ୍ଡ ତୋପ, ୩୮୬୦ ରକେଟ ଲଂଚର୍ସ ରହିଛି।

୩- ଚୀନର ସେନାକୁ ପିପୁଲ୍ସ ଲିବରେସନ ଆର୍ମି (ପିଏଲଏ) କୁହାଯାଏ। ଚୀନ ପାଖରେ ୨୦.୩୫ରୁ ଅଧିକ ସୈନ୍ୟ, ୫.୧୦ଲକ୍ଷ ରିଜର୍ଭ ସୈନ୍ୟ, ୩୨୦୫ ଟ୍ୟାଙ୍କ, ୩୫ହଜାର ବାହନ, ୧୯୭୦ ସେଲ୍ସ ପ୍ରୋପେଲ୍ଡ ତୋପ ରହିଛି।

୪- ଭାରତ ପାଖରେ ୧୨.୩୭ ଲକ୍ଷରୁ ଅଧିକ ଆକ୍ଟିଭ ସୈନ୍ୟ ରହିଛନ୍ତି। ଏଥିସହ ୨୯୬ ଏୟାରକ୍ରାଫ୍ଟସ, ୪୭୩୦ଟଙ୍କା ୧୦ହଜାର ଗାଡି, ୧୦୦ସେଲ୍ସ ପ୍ରୋପେଲ୍ଡ ତୋପ ୩୭୪ ରକେଟ ଲଂଚର୍ସ ରହିଛି।

୫- ଜାପାନ ପାଖରେ ୨.୪୭ ଲକ୍ଷରୁ ଅଧିକ ସକ୍ରିୟ ଯବାନ, ୫୬ ହଜାର ରିଜର୍ଭ ସୈନ୍ୟ, ୧୦୦୪ଟ୍ୟାଙ୍କ, ୫୫୦୦ରୁ ଅଧିକ ବାହନ, ୨୧୪ସେଲ୍ସ ପ୍ରୋପେଲ୍ସ ତୋପ ରହିଛି।

୬- ଦକ୍ଷିଣ କୋରିଆ ପାଖରେ ୪.୨୦ ଲକ୍ଷ ଆକ୍ଟିଭ ସୈନ୍ୟ, ୨୧୩୦ ଯୁଦ୍ଧ ଟ୍ୟାଙ୍କ, ୧୪, ୧୦୦ ଯୁଦ୍ଧକ ବାହନ, ୩୦୪୦ସେଲ୍ସ ତୋପ, ୨୭୦ମଲ୍ଟିପଲ ରକେଟ ଲଂଚର୍ସ ରହିଛି।

୭- ଫ୍ରାନ୍ସ ପାଖରେ ୨.୦୮ ଲକ୍ଷ ସକ୍ରିୟ ଯବାନ, ୩୫ହଜାର ରିଜର୍ଭ ଯବାନ, ୪୦୬ଟ୍ୟାଙ୍କ, ୬୫୨୦ ବାହନ୍, ୧୦୯ସେଲ୍ଫ ପ୍ରୋପେଲ୍ଡ ତୋପ ଓ ୧୩ରକେଟ ପ୍ରୋଜେକ୍ଟର୍ସ ରହିଛି।

୮- ବ୍ରିଟେନ ପାଖରେ ୮୨,୪୦୦ ଆକ୍ଟିଭ ସେନା ରହିଛନ୍ତି। ସେଥିରେ ୪ହଜାର ଗୁର୍ଖା ରହିଛନ୍ତି। ଏଥିସହ ୧୦୯ଟ୍ୟାଙ୍କ, ୫୫୦୦ ବାହନ, ୮୯ ସେଲ୍ସ ପ୍ରୋପେଲ୍ଡତୋପ, ୩୫ ରକେଟ ଲଂଚର୍ସ ରହିଛି।

୯- ବ୍ରାଜିଲ ପାଖରେ ୨.୩୫ ଲକ୍ଷ ସକ୍ରିୟ ଯବାନ ଓ ୧୩.୩୫ ଲକ୍ଷ ରିଜର୍ଭ ରହିଛନ୍ତି। ଏଥିସହ ୬୫୦୦ ସିଭିଲିଆନ ପର୍ସନଲ, ୨୬୮୦ଟ୍ୟାଙ୍କ, ୯୬୩୫ ବାହନ, ୪୨୯ ସେଲ୍ସ ପ୍ରୋପେଲ୍ଡ ତୋପ ୩୩୦ ରକେଟ ଲଂଚର୍ସ ରହିଛି।

୧୦- ପାକିସ୍ତାନ୍ ପାଖରେ ୫.୬୦ ଲକ୍ଷ ଆକଟିଭ ଓ ୫.୫୦ ଲକ୍ଷ ରିଜର୍ଭ ଯବାନ ରହିଛନ୍ତ।

## ପ୍ରଥମ ପୃଷ୍ଠାରୁ...

# ବିଜେଡି...

ରାଜ୍ୟରେ ପୂର୍ବରୁ ବିଜେଡି ସହ ମେଣ୍ଟ କରି ୯ ବର୍ଷ କାଳ କ୍ଷମତା ଉପଭୋଗ କରିବା ସତ୍ତ୍ୱେ ବିଜେପି ନିଜ ସ୍ଥିତି ରକ୍ଷା କରିବାରେ ଏଯାଏ ସମର୍ଥ ହୋଇନାହିଁ। ୨୦୧୭ ଜିଲ୍ଲା ପିରଷଦ ନିର୍ବାଚନରେ ଦଳ ହାସଲ କରିଥିବା ସଫଳତା ୨୦୨୨ରେ ଦୋହରାଇବାରେ କେବଳ ବିଫଳ ହୋଇନାହିଁ; ୮୦% ଜିଲ୍ଲା ପରିଷଦ ଆସନ ଓ ୮ ଜିଲ୍ଲା ପରିଷଦ ସଭାପତି ପଦ ହରାଇଛି। ଗତ ୨୦୧୯ ନିର୍ବାଚନରେ ଦଳ ୨୩ଟି ବିଧାନସଭା ଆସନରେ ବିଜୟୀ ହୋଇଥିଲେ ହେଁ ପଞ୍ଚାୟତ ନିର୍ବାଚନରେ ସେହି ସ୍ଥାନଗୁଡିକରେ ବାଜିମାତ କରିଛି ବିଜେଡି। ନିଜ ତ୍ରୁଟିବିଚ୍ୟୁତିକୁ ସଂଶୋଧନ କରି ବିଜେଡି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଥିବା ବେଳେ ଏହାକୁ ପ୍ରତିରୋଧ କରିବାକୁ ବିଜେପି ଶକ୍ତି ଗୋଟାଇବାରେ ଅସମର୍ଥ ହୋଇଛି। ବିଷ୍ଣୁ ସେଠୀ ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟରେ ଏହି ସବୁ ଅସହାୟତା ପ୍ରତିଫଳିତ ହୋଇଛି।

ବିଜେଡି ସହ ନିର୍ବାଚନ ଲଢିବା କଷ୍ଟ ବୋଲି ବିଷ୍ଣୁଙ୍କ ମନ୍ତବ୍ୟରେ ଯେ ଅତିଶୟୋକ୍ତି ନାହିଁ। ଏହା ଅତୀତରେ ସବୁ ନିର୍ବାଚନରେ ପ୍ରମାଣିତ ହୋଇସାରିଛି। କେବଳ ଲୋକସଭା ବା ବିଧାନସଭା ନିର୍ବାଚନ ନୁହେଁ; ଉପ ନିର୍ବାଚନ, ପଞ୍ଚାୟତ ଓ ପୌର ନିର୍ବାଚନରେ ଏହା ପ୍ରତିଫଳିତ ହୋଇଛି। ବିଜେଡିର ନିର୍ବାଚନୀ ରଣନୀତି ନିକଟରେ ବିରୋଧୀ ସବୁବେଳେ ଆତ୍ମସମର୍ପଣ କରିଛନ୍ତି। ଅନେକ ଚେଷ୍ଟା ସତ୍ତ୍ୱେ ମଧ୍ୟ ଉପନିର୍ବାଚନଗୁଡିକରେ ବିଜେଡିର ଅପରାଜେୟ ରେକର୍ଡ ଭାଙ୍ଗିବାରେ ବିରୋଧୀମାନେ ସଫଳ ହୋଇପାରିନାହାଁନ୍ତି। ଏପରିକି ଉପନିର୍ବାଚନରେ ବିଜେପିର ଆସନ ବିଜେଡି ଛଡାଇ ନେବାରେ ସମର୍ଥ ହୋଇଛି।

ଅନ୍ୟପକ୍ଷରେ ରାଜ୍ୟ ବିଜେପି ଏବେ ଚିନ୍ତାରେ ବିଭକ୍ତ। ନେତାମାନଙ୍କ ମଧ୍ୟରେ ସମନ୍ୱୟ ଓ ସଂଯୋଜନା ଅଭାବ ଦଳକୁ ଗୋଷ୍ଠୀବାଦରେ ବିଭାଜିତ କରିଛି। ବିଶୃଙ୍ଖଳିତ ସାଂସଦ ଓ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବା ତଥାକଥିତ 'ଦୁର୍ବଳ ନେତୃତ୍ୱ' ଆକ୍ଷେପକୁ ସତ୍ୟ ବୋଲି ପ୍ରମାଣିତ କରିଛି। ରାଜ୍ୟର କିଛି ବଡ ବଡ ନେତା ଦଳୀୟ ସଂଗଠନ ଅପେକ୍ଷା ନିଜର ବ୍ୟକ୍ତିଗତ ପତିଆରା, ବ୍ୟକ୍ତିଗତ ସଂଗଠନକୁ ସୁଦୃଢ କରିବାକୁ ଲାଗିପଡିଛନ୍ତି ଓ ନିଜକୁ ସମାନ୍ତରାଳ ନେତା ଭାବରେ ପ୍ରମାଣିତ କରିବାକୁ ଉଦ୍ୟମ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସାଂସଦ ଅପରାଜିତା ଷଡଙ୍ଗୀ ତାରାତାରିଣୀ ଗସ୍ତ ସମୟରେ 'ବିଜେପି ନିଜ ସହ ପ୍ରତିଯୋଗିତା କରୁଛି' ବୋଲି ମନ୍ତବ୍ୟ ଦେଇ ଦଳର ବାସ୍ତବ ସ୍ଥିତିକୁ ସ୍ପଷ୍ଟ କରିଦେଇଛନ୍ତି। ଏହା ସହ 'ମିଶିକି କାମ କରିବାର ଆବଶ୍ୟକତା ରହିଛି' ବୋଲି ତାଙ୍କର ଟିପ୍ପଣୀକୁ ବାଖ୍ୟା କଲେ ଦଳରେ ଏ ପର୍ଯ୍ୟନ୍ତ ଏକାଠି କାମ କରିବାର ଧାରା ଆରମ୍ଭ ହୋଇନାହିଁ ବୋଲି ରାଜନେତିକ ସମୀକ୍ଷକମାନେ ମନେ କରୁଛନ୍ତି।

ବାସ୍ତବିକତା ଦେକିଲେ ଏବେ ବି ରାଜ୍ୟ ବିଜେପି ସଂଗଠନ କେନ୍ଦ୍ରୀୟ ନେତୃତ୍ୱ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ହିଁ ନିର୍ଭରଶୀଳ ହୋଇ ରହିଛି। ରାଜ୍ୟରେ ଦଳର ସର୍ବସମ୍ମତ ନେତାଙ୍କ ଅଭାବ ଦଳକୁ ଅସଂଗଠିତ କରି ରଖିଛି। ଦଳୀୟ ନେତାଙ୍କ ମଧ୍ୟରେ ଅସୁରକ୍ଷା ଭାବେ ଦିନକୁ ଦିନ ବଢୁଛି। ବିଜେପିର ପ୍ରାର୍ଥୀ ହୋଇ ବିଧାୟକ ନିର୍ବାଚିତ ହେବା ସହଜ ନୁହେଁ ବୋଲି ଦଳୀୟ ନେତାମାନେ ମନେ କରୁଛନ୍ତି। ସମ୍ଭବତଃ ସେଇଥିପାଇଁ ଆଗାମୀ ଦିନରେ ବିଷ୍ଣୁ ସେଠୀଙ୍କ ପରି ନେତାମାନେ ବିଧାୟକ ପଦ ଅପେକ୍ଷା ସାଂସଦ ପଦ ଲାଗି ଲଢିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏ କଥା ମଧ୍ୟ ସେ ସ୍ପଷ୍ଟ ଭାବରେ କହିଛନ୍ତି। ଦୁଇଥର ବିଧାୟକ ଭାବରେ ସେ ଲଢିଥିବା ଉଲ୍ଲେଖ କରି ଆଉ ଏମ୍‌ଏଲ୍‌ଏ ପଦରେ ଘାଣ୍ଟି ହେବାକୁ ଚାହୁଁ ନାହିଁ ବୋଲି କହିଛନ୍ତି। ସାଂସଦ ପଦରୁ ଲଢିବାକୁ ଇଚ୍ଛା ବ୍ୟକ୍ତ କରିବା ସହ ଏ ସଂକ୍ରାନ୍ତ ନିଷ୍ପତ୍ତି ସେ ଦଳ ଉପରେ ଛାଡିଦେଇଛନ୍ତି।

# ନେତା...

ଭାଜପା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମଳୟ କୁମାର ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ଟଙ୍କଧର ପ୍ରଧାନ, ବାସୁଦେବ ପ୍ରଧାନ, ରାଜ କୁମାର ସିଂହଦେଓ, ଗଙ୍ଗା ପ୍ରଧାନ ଓ ଡିଲେଶ୍ୱର ବିଶ୍ୱାଳ, ପଣ୍ଡରୀ ସରପଞ୍ଚ ସୁବାସିନୀ ସାହୁ, ରେମଣ୍ଡା ସରପଞ୍ଚ ସୁଶାନ୍ତ ନାୟକ, ମହିଳା ସଂଘ ସଭାନେତ୍ରୀ ଦୀପାଞ୍ଜଳି ଭୋଇ, ସଞ୍ଜୁକ୍ତା ସାହୁ, ଗୌରାଙ୍ଗ ସାହୁ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ସହରର ଏକ ହୋଟେଲ୍‌ରେ ଶୁକ୍ରବାର ସ୍ୱାସ୍ଥ୍ୟକର୍ମୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଅରୁଣ ସାହୁ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ବୁଦ୍ଧଦେବ ମିଶ୍ର, ସହ ପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ପିଣ୍ଟୁ ପାଢୀ ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଫୁଲମାଳ ଦେଇ ଦଳରେ ସ୍ୱାଗତ କରିଥିଲେ। ଦଳର ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳର କର୍ମୀମାନେ ବିଜେଡିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ମଜଭୁତ କରିବାରେ ଲାଗିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ କହିଥିଲେ।

# ନବୀନଙ୍କ...

ନିର୍ବାଚନରେ ପଶ୍ଚିମ ଓଡ଼ିଶାରେ ବିଜେପି ଗଡ ଭାଙ୍ଗି ଦେଇଛି ବିଜେଡି। ତେଣୁ ଏ ଗଡ ଅଟଳ ରଖିବାକୁ ନବୀନ ପଶ୍ଚିମ ଓଡ଼ିଶାରୁ କୌଣସି ବଡ ଚେହେରାଙ୍କୁ ରାଜ୍ୟସଭା ପାଇଁ ବାଛିବେ ବୋଲି ଅନୁମାନ କରାଯାଉଛି। ଚର୍ଚ୍ଚାରେ ଅଛନ୍ତି ବଲାଙ୍ଗିରର ପୂର୍ବତନ ସାଂସଦ ଯୁବ ଚେହେରା କଳିକେଶ ସିଂହଦେଓ। ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଫିସର୍ ଅସିତ ତ୍ରିପାଠୀ, ଇଂ. ନଳିନୀକାନ୍ତ ପ୍ରଧାନଙ୍କ ଭଳି ପ୍ରଭାବଶାଳୀ ନାଁ ବି ଚର୍ଚ୍ଚାରେ ରହିଛି। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ନାଁ ବି ଚର୍ଚ୍ଚାରେ ରହିଛି। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ନାଁ ବି ବିଚାରକୁ ନେଇପାରନ୍ତି ନବୀନ। ଉପକୂଳ ନେତାଙ୍କ ମଧ୍ୟରେ ସର୍ବାଧିକ ଚର୍ଚ୍ଚାରେ ରହିଛି ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜଙ୍କ ନାଁ।

ଡ. ସସ୍ମିତ ପାତ୍ର ଦଳ ଆଉ ଥରେ ରାଜ୍ୟସଭା ପଠାଇବା ସମ୍ଭାବନା ବି ରହିଛି। ଏହାବାଦ୍ ଅବସରପ୍ରାପ୍ତ ଆଇପିଏସ୍ ତଥା ମୁମ୍ବାଇର ପୂର୍ବତନ ପୋଲିସ୍ କମିଶନର ଅରୁପ ପଟ୍ଟନାୟକ ଓ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ବି ଆଶାୟୀ ଥିବା କୁହାଯାଉଛି। ମୟୂରଭଞ୍ଜରେ ୨୦୧୯ରେ ବିଜେଡି ପ୍ରଦର୍ଶନ ଖରାପ ଥିଲା। ହେଲେ ଏଥର ପଞ୍ଚାୟତରେ ବିଜେପିକୁ ସଫା କରିଦେଇଛି ବିଜେଡି। ସେଥିପାଇଁ ମୟୂରଭଞ୍ଜରୁ କୌଣସି ଯୁବ ସଂଗଠନ କିମ୍ବା ଆଦିବାସୀ ମହିଳାଙ୍କୁ ଦଳ ରାଜ୍ୟସଭା ପଠାଇବା ନେଇ ବିଚାର କରୁଛି। ବାଲେଶ୍ୱରର ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କ ନାଁ ବି ଆଶାୟୀ ତାଲିକାରେ ଥିବା କୁହାଯାଉଛି। ଲଗାତାର ମହିଳା ସଂରକ୍ଷଣ ଦାବି ଉଠାଇ ଜାତୀୟ ରାଜନୀତିରେ ଚର୍ଚ୍ଚାରେ ରହୁଥିବା ନବୀନ ଜଣେ ମହିଳା ନେତ୍ରୀ, ସମାଜସେବୀ କିମ୍ବା ପ୍ରତିଷ୍ଠିତ ମହିଳାଙ୍କୁ ରାଜ୍ୟସଭା ପଠାଇ ପାରନ୍ତି। 'ମୋ ସ୍କୁଲ' ଅଧ୍ୟକ୍ଷ ତଥା ଶିଳ୍ପପତି ସୁସ୍ମିତା ବାଗ୍‌ଚୀଙ୍କ ନାଁ ସର୍ବାଗ୍ରେ ରହିଛି। ଶ୍ରୀମୟୀ ମିଶ୍ର, ରାସେଶ୍ୱରୀ ପାଣିଗ୍ରାହୀଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ବଢିଛି। ଶିଳ୍ପପତି ନବୀନ ଜିନ୍ଦଲଙ୍କୁ ନେଇ ମଧ୍ୟ ପ୍ରବଳ ଚର୍ଚ୍ଚା। ଓଡ଼ିଶାରେ ବଡ ନିବେଶ କରିଥିବା ନବୀନ ଜିନ୍ଦଲଙ୍କୁ ବିଜେଡି ରାଜ୍ୟସଭା ପଠାଇପାରେ ବୋଲି କେତେକ ମହଲରେ ଶୁଣାଯାଉଛି।

# ଦରମାରେ ସୁନା ଦେଉଛି କମ୍ପାନି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କେବେ ଶୁଣିଛନ୍ତି କି, କୌଣସି କମ୍ପାନୀ ତା କର୍ମଚାରୀଙ୍କୁ ଦରମା ଟଙ୍କା ବଦଳରେ ସୁନା ଦେବା କଥା ଏପରି କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି କର୍ମଚାରୀଙ୍କୁ ଦରମା ଦେବାର ନୂଆ ତରିକାକୁ ନେଇ ଏବେ ଏକ କମ୍ପାନୀ ଚର୍ଚ୍ଚାକୁ ଆସିଛି ବ୍ରିଟେନର ଟାଲିମନି ଦରମା ବାବଦକୁ ଟଙ୍କା ବଦଳରେ ସୁନା ଦେବାକୁ ନିଷ୍ପତି ନେଇଛି। ତେବେ କର୍ମଚାରୀ ଚାହିଁଲେ ପୂର୍ବାଭଳି ପାଉଣ୍ଡରେ ଦରମା ନେଇପାରିବେ କମ୍ପାନୀ ତରଫରୁ ବିକଳ୍ପ ମଧ୍ୟ ପ୍ରଦାନ କରାଯାଇଛି। ତେବେକମ୍ପାନିର ସିଇଓ କ୍ୟାମେରନ୍ ପ୍ୟାରି ନିଜ କର୍ମଚାରୀଙ୍କୁ ସୁନାରେ ଦରମା ପ୍ରଦାନ କରୁଛନ୍ତି। କର୍ମଚାରୀଙ୍କ ବର୍ତ୍ତମାନେ ଓ ଭବିଷ୍ୟତକୁ ଧ୍ୟାନରେ ରଖି ସେମାନଙ୍କୁ ଦରମା ବଦଳରେ ସୁନା ପ୍ରଦାନ କରାଯାଉଛି। ବର୍ତ୍ତମାନ କମ୍ପାନୀର ବରିଷ୍ଠ ପଦବୀରେ ଥିବା ୨୦କର୍ମଚାରୀଙ୍କୁ ଏହି ସୁଯୋଗ ଦିଆଯାଇଛି। ଏହାଦ୍ୱାରା ଯଦି କ୍ରମଚାରୀ ଲାଭବାନ ହେବେ ତେବେ ବାକି କର୍ମଚାରୀଙ୍କ ପାଇଁ କମ୍ପାନୀ ଏହି ନୀତି ଆପଣାଇବ ବୋଲି କୁହାଯାଇଛି। ଏହା ମଧ୍ୟ କୁହାଯାଇଛି କି, କରୋନା ମହାମାରୀ ପାଇଁ ପାଉଣ୍ଡର ମୂଲ୍ୟ ହ୍ରାସ ପାଉଛି। ତେଣୁ କର୍ମଚାରୀଙ୍କୁ ଆର୍ଥିକ ସଂକଟରକ୍ଷା କରିବା ପାଇଁ ସୁନା ଦେବାର ନୀତି ଆରମ୍ଭ ହୋଇଛି। ତେବେ କମ୍ପାନୀର ଏହି ପ୍ରୟାସ ଲୋକେ କମ୍ପାନୀକୁ ପ୍ରଶଂସା କରୁଛନ୍ତି।





RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ମଇ ୨୩ ରୁ ୨୯, ୨୦୨୨, ଜଗତସିଂହପୁର

May 23 to 29, 2022, Jagatsinghpur

www.samparkabarta.in




# କଟକ ପୂର୍ତ୍ତ ବିଭାଗ ଡିଭିଜନ-୨ରେ ଦୁର୍ନିତୀ ତଦନ୍ତ କେବେ ?

**କଟକ(ତପନ ମହାନ୍ତି):-** ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ଦୁର୍ନୀତି ବିରୋଧରେ ଲଢେଇ ଜାରୀ ରଖିବାକୁ ଉପଦେଶ ଦେଇ ଆସୁଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ସବୁ ଜନ ପ୍ରତିନିଧି ଓ ସବୁ ସରକାରୀ କର୍ମଚାରୀଙ୍କ ସମ୍ପତ୍ତି ତାଲିକା ପବ୍ଲିକ୍ ଡୋମେନ୍‌ରେ ପ୍ରକାଶିତ ହେବ । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହା ସ୍ପଷ୍ଟ ଯେ, ଦୁର୍ନୀତି ବିରୁଦ୍ଧରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର କଠୋର ଆଭିମୁଖ୍ୟ କାହାରିକୁ ଅଛପା ନାହିଁ । ଦୀର୍ଘ ୨୦ ବର୍ଷର ଶାସନ କାଳରେ ତାଙ୍କ ବିରୁଦ୍ଧରେ ବା ତାଙ୍କ ତରକାର ବିରୁଦ୍ଧରେ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ଦୁର୍ନୀତି ଅଭିଯୋଗ ପ୍ରମାଣିତ ହୋଇପାରିନାହିଁ । ବିରୋଧୀ ଯେତେ ଦୁର୍ନୀତି ଅଭିଯୋଗ ଆଣିଥିଲେ ମଧ ରାଜ୍ୟବାସୀ ତାହା ଗ୍ରହଣ କରିନାହାନ୍ତି । ବରଂ ପ୍ରତି ନିର୍ବାଚନରେ ଅଧିକ ଅଧିକ ସଂଖ୍ୟାରେ ବିଧାୟକଙ୍କୁ ନିର୍ବାଚିତ କରି ତାଙ୍କ ନେତୃତ୍ୱ ପ୍ରତି ଦୃଢ ସମର୍ଥନ ଜାରି ରଖିଛନ୍ତି । ପଂଚମ ପାଳି ଶାସନ ଭାର ଗ୍ରହଣ କରିବା ପରେ ଦୁର୍ନୀତି ବିରୋଧି ଅଭିଯାନକୁ ଶାଣିତ କରିଛନ୍ତି ବୋଲି ନିଃସନ୍ଦେହରେ ସ୍ୱୀକାର କରିବାକୁ ହେବ । ପଂଚମ ପାଳି ଶାସନ ଭାର ଗ୍ରହଣ କରିବା ପରେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ୯୧ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବିଦା କରିଛନ୍ତି । ମୋନଙ୍କ ମଧ୍ୟରୁ କେତେଙ୍କର ଅବସରକାଳୀନ ପେନସନ୍ ଓ ଅନ୍ୟ ସୁବିଧା ସୁଯୋଗ ବନ୍ଦ କରିଦେଇଛନ୍ତି । ତଥାପି କଟକ ରାସ୍ତା ଓ ଗୃହ ବିଭାଗ ଡିଭିଜନ - ୨ର ଇଂଜିନିୟମାନେ ଭୟ ନକରି ଆଖିବୁଜା ଦୁର୍ନୀତି ଚଳାଇଛନ୍ତି । ରାଜ୍ୟ ସରକାରଙ୍କ ୫ଟି ଓ ସ୍ୱଚ୍ଛତାକୁ କଟକ ପୂର୍ତ୍ତବିଭାଗ ଡିଭିଜନ-୨ର ବରିଷ୍ଠ ଅଧିକାରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ସମ୍ପୂର୍ଣ୍ଣ ଭାବେ ବେକାଥିର କରି ଲକ୍ଷାଧିକ ଟଙ୍କା ଲୁଟିଚାଲିଛନ୍ତି । ବିଶେଷକରି ପୂର୍ତ୍ତ ବିଭାଗ ଡିଭିଜନ-୨ ଅଧିନରେ ଥିବା ଖପୁରିଆ ୩ନଂ ସେକ୍ସନରେ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ରାଜ୍ୟସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲକ୍ଷାଧିକ ଟଙ୍କା ଲୁଟିଚାଲିଛନ୍ତି । ସାମ୍ବାଦିକ ଲେଖିଲେ ଆମର କଣ ହେବ ବୋଲି ଇଂଜିନିୟରମାନେ ଠିକାଦାରମାନଙ୍କ ଆଗରେ କହୁଥିବା ଆଲୋଚନା ହେଉଛି।

ଏମାନଙ୍କୁ ଧରିଛନ୍ତି ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ । ଭୟଭୀତ ହୋଇ ପଡିଛନ୍ତି ପୂର୍ତ୍ତ ବିଭାଗ ଡିଭିଜନ-୨ର ଇଂଜିନିୟର ମାନେ ଜିତେନ୍ଦ୍ର ସାହୁ କଟକ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ବିଭାଜନ-୨ କାର୍ଯ୍ୟାଳୟ ଜନ ସୂଚନା ଅଧିକାରୀଙ୍କୁ ଗତ ତା ୨୯.୦୧.୨୦୨୨ରେ କଟକ ଓଏମ୍‌ପି ଛକରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା, ବ୍ୟାରିକେଡ, ଡିଭାଇଡର, ନାଳ କାର୍ଯ୍ୟ ଏବଂ ତା ୭.୦୨.୨୦୨୨ ମସିହାରେ କଟକ ଚାଉଳିଆଗଞ୍ଜରେ ନିର୍ମିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କିତ ତଥ୍ୟ ସୂଚନା ଅଧିକାର ଆଇନରେ ଆବେଦନ କରିଥିଲେ । ମାତ୍ର ଏହି ତଥ୍ୟ ସୂଚନା ଅଧିକାର ଆଇନ ଅନୁଯାୟୀ ୩୦ ଦିନ ମଧ୍ୟରେ ପ୍ରଦାନ କରିବାର ନିୟମ ରହିଥିଲେ ସୁଦ୍ଧା ବିଭାଗୀୟ ଜନସୂଚନା ଅଧିକାରୀ ଲୁଚୁଥିବା ସୂଚନା ଅଧିକାରୀଙ୍କଠାରୁ ଅଭିଯୋଗ ହୋଇଛି । ଏହି ସୂଚନାର ତଥ୍ୟ ଧାର୍ଯ୍ୟ ସମୟରେ ପ୍ରଦାନ କରାଗଲେ ହୋଇଥିବା ଅନିୟମିତତା ଓ ଦୁର୍ନୀତି ଲୋକ ଲୋଚନକୁ ଆସିଯିବା ବୋଲି ଜନ ସୂଚନା ଅଧିକାରୀ ଜାଣିଶୁଣି ଦେଉନଥିବା ଅଭିଯୋଗ କରିଛନ୍ତି ସୂଚନା ଅଧିକାରୀ କର୍ମୀ ଜିତ୍ରେନ୍ଦ ସୂଚନାର ତଥ୍ୟ ନ ପାଇ ଅପିଲ ଶୁଣାଣୀ କରି ସୂଚନାର ତଥ୍ୟ ନିଃଶୁଳ୍କ ପ୍ରଦାନ କରିବା ସହ ସୂଚନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାପାଇଁ ଦାବୀ କରିବା ସହ ସୂଚନା ଅଧିକାରୀ ଆଇନ ଧାରା -୨୦ ଅନୁଯାୟୀ ଶୃଙ୍ଖଳଗତ କାର୍ଯ୍ୟନୁଷ୍ଠାନ ଓ ଧାରା ୧୯ (୩) (ଖ) ଅନୁଯାୟୀ ସୁଚନା ଅଧିକାରୀ କର୍ମୀ ଜିତେନ୍ଦ ସାହୁଙ୍କ କ୍ଷତିପୂରଣ ପ୍ରଦାନ ପାଇଁ ଲିଖିତ ଅଭିଯୋଗ କରିଛନ୍ତି । ପୂର୍ତ୍ତବିଭାଗ ଡିଭିଜନ-୨ ରେ ଏତେ ମାତ୍ରାରେ ଦୁର୍ନୀତି ହେଉଛି ଯେ ଦୂରଦୁାନ୍ତରୁ ଠିକାଦାର ମାନେ ଆସି ଏହି ଡିଭିଜନରେ ଭିଡ ଜମାଇଥାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏପଟେ ବରିଷ୍ଠ ଅଧିକାରୀ ନିୟମ କରିଛନ୍ତି ଆଗ ପିସି ପରେ ପେମେଣ୍ଟ ବେପାର କରିବାକୁ ଆଦ ଠିକ ଭାବରେ ବେପାର କର ବିଲ ଅଟକିବନାହିଁ । ସର୍ବସାଧାରଣରେ ଚର୍ଚ୍ଚା ହେଉଛି ମୁଖ୍ୟମନ୍ତ୍ରୀ ଏବଂ ୫ଟି ସଚିବ ଏମାନଙ୍କ କ୍ଷେତ୍ରରେ ନୀରବ କାହିଁକି ? ଏଣୁ ସବୁ ସ୍ତରରୁ ଦାବୀ ହେଉଛି ଏହି ଘଟଣାକୁ ମାନ୍ୟବର ମୁଖମନ୍ତ୍ରୀ ୫ଟି ସଚୀବ ମୁଖ୍ୟଶାସନ ସଚୀବ ଓ କମିଶନର କମ ସେକ୍ରେଟାରୀ ନିର୍ମାଣ ବିଭାଗ ଭିଜିଲାନ୍ସ ଦ୍ୱାରା ତଦନ୍ତ ତୁରନ୍ତ କଲେ ସବୁ ତଥ୍ୟ ପ୍ରମାଣ ମିଳିବ । ଏହା ଦୋଷୀ ଇଜିନିୟରମାନଙ୍କୁ ଚାକିରୀରୁ ବିଦା କରି ଅନ୍ୟ ଦୁର୍ନୀତ ଗ୍ରସ୍ତ କର୍ମଚାରୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିବେ ବୋଲି ବୃଦ୍ଧିଜୀବୀ ମହଲରେ ଆଶା ପ୍ରକଟ କରିଛନ୍ତି ।

# ରାଜନୈତିକ ପସାପାଲିରେ ଲିଙ୍ଗିପୁର ଗ୍ରାମପଞ୍ଚାୟତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତକୁ ଉନ୍ନତି କରିବା ବଦଳରେ ବିଡିଓ ମହାଶୟ କିପରି ଭାବେ ୨୬ଟି ୱାର୍ଡକୁ ଗୋଟିଏ ପିଇଓ ବଦଳୀ କରି ଦାୟିତ୍ୱ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୭ ରୁ ଶିଶୁପାଳ ଗ୍ରାମପଂଚାୟତଠାରୁ ଲିଙ୍ଗିପୁର ଗ୍ରାମପଂଚାୟତ ଅଲଗା ହୋଇଛି । ଏହାର ୧୩ ଗୋଟି ୱାର୍ଡ ରହିଅଛି । ଶିଶୁପାଳଗଡର ବି ୧୩ଟି ୱାର୍ଡ ରହିଅଛି । ଜଣେ ପିଇଓ ୨ଟି ଦୁଇଟି ଦାୟିତ୍ୱରେ ରହିଲେ ଉନ୍ନୟନମୂଳକ କାର୍ଯ୍ୟ ନିଶ୍ଚିତ ଭାବରେ ବାଧାପ୍ରାପ୍ତ

## ନେତା ଓ ଅଫିସରଙ୍କ ଅସାଧୁ ମେଣ୍ଟ

ହେବ । ଏହାକୁ ଦିଗହରା କରିବା ପାଇଁ ଷଡଯନ୍ତ୍ର ଓ ବଦଳୀରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହୋଇଛି । କାହା ସ୍ୱାର୍ଥରେ ଏବଂ କେଉଁ ନିୟମ ବଳରେ ଏଭଳି ପଦକ୍ଷେପ । ପଂଚାୟତ ଗୁଡିକରେ ସମସ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ବଢିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଯେ ଗତ ୪ ମେ' ୨୦୨୨ ଦିନ ଭୁବନେଶ୍ୱର ବିଡିଓ ତାଙ୍କର ବଦଳୀ ଆଦେଶ ସଂଖ୍ୟା ୨୧୦୯ରେ ୧୪ ଜଣ ପିଇଓଙ୍କୁ ବଦଳୀ କରିଥିଲେ, ତା ମଧ୍ୟରୁ ସିରିୟଲ ନଂ ୧୪ରେ ଥିବା ପିଇଓଙ୍କୁ ଶିଶୁପାଳଗଡ ଓ ଲିଙ୍ଗିପୁର ଦାୟିତ୍ୱ ଦିଆଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିଶୁପାଳ ଓ ଲିଙ୍ଗିପୁର ଗ୍ରାମପଂଚାୟତ ମୋଟ ୧୩ଟି ଲେଖାଏଁ ୱାର୍ଡ ରହିଛି । ସମୁଦାୟ ୨୬ଟି ୱାର୍ଡକୁ କେଉଁ ଭାବରେ ବିଡିଓ ମହାଶୟ ଗୋଟିଏ ପିଇଓଙ୍କୁ ତରବରିଆ ଭାବରେ ଦାୟିତ୍ୱ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଲିଙ୍ଗିପୁର ଗ୍ରାମ ପଂଚାୟତ କ'ଣ ସରକାରଙ୍କର ସାବତ ପୁଅ କି ? ରାଜ୍ୟ ସରକାର



ପଂଚାୟତସ୍ତରକୁ ସୁଦୃଢ କରିବା ପାଇଁ ପଂଚାୟତରେ ସବୁ ସୁବିଧା ସୁଯୋଗ ଦେବା ପାଇଁ ଅପ୍ରାଣ ଉଦ୍ୟମ କରୁଥିବାବେଳେ ଗୋଟିଏ ପିଇଓଙ୍କୁ ୨ଟି ଦାୟିତ୍ୱ ଦେଇ ବିଡିଓ ମହାଶୟ କଣ ପ୍ରମାଣ କରିବାକୁ ଚାହୁଁଛନ୍ତି ସେ ନିଜେ ଜାଣିଥିବେ । ଗ୍ରାମ ପଂଚାୟତରେ ଆସୁଥିବା ବିଭିନ୍ନ ୱାର୍ଡର ସମସ୍ୟା ଯୋଉଭଳିଆ ଭାବେ ସମାଧାନ ହୋଇପାରିବ ତାହା ବୋଧେ ବିଡିଓଙ୍କୁ ମହାଶୟଙ୍କ ଭୃକ୍ଷେପ ନାହିଁ । ରାସନ୍ କାର୍ଡଠୁ ଆରମ୍ଭ କରି ଭତା ବଂଟନ, ପାନୀୟ ଜଳ, ରାସନ ସାମଗ୍ରୀ, ପ୍ରତି ୱାର୍ଡର ମାସିକିଆ ବୈଠକର ବିବରଣୀ ରଖିବା ଏବଂ ତାଙ୍କର ସମସ୍ୟା ସମାଧାନକୁ ନେଇ ସଂରପଚ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଂହଚାଇବା ଇତ୍ୟାଦି ତାଙ୍କର ମୁଖ୍ୟ କାର୍ଯ୍ୟ । ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସାଧାରଣ ପ୍ରଶାସନ ବିଭାଗର ଆଦେଶ ସଂଖ୍ୟା ୧୧୮୧୮/୯ଉ୯, ଏପ୍ରିଲ ୩୦ରେ ବିଡିଓଙ୍କ ବଦଳୀ ଆଦେଶ କିନ୍ତୁ ଆଶ୍ଚର୍ଯ୍ୟର କଥା ସେହିଦିନ(ଚରଙ) ପଂଚାୟତ ଏକ୍ସ୍ୟୁଜିକୁଟିଭ ଅଫିସରଙ୍କ ବଦଳିର ଆଦେଶ କରାଯାଇଛି । କି ସଂଯୋଗ କଣ ଉଦ୍ଦେଶ୍ୟ ? କାହା ସ୍ୱାର୍ଥରେ ଚରଙମାନଙ୍କ ବଦଳୀ ଏକାଦିନେ । ଏହି ବଦଳୀ ଆଦେଶ ୦୪.୦୫.୨୨ରେ ସମସ୍ତ ଚରଙଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଏବଂ ସେଥିରେ ନିର୍ଦ୍ଦେଶ ଦିଆଯାଇଛି, ତିନି ଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର କରି ନୂତନ ଭାବେ ବଦଳୀ ହୋଇଥିବା ଯାଗାରେ ଯୋଗଦାନ କରିବେ । ଏଣୁ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ବଦଳୀ ତାଲିକାକୁ କେନ୍‌ସଲ୍ କରିବାକୁ ସବୁ ସ୍ତରରୁ ଦାବୀ ହେଉଛି । ଏବଂ କେଉଁ ପରିସ୍ଥିତିରେ ଏକାଦିନେ ଆଦେଶ ବାହାରିଲା ତାହା ମଧ ତଦନ୍ତ ସାପେକ୍ଷ । ଏହି ଅକ୍ଷମଣୀୟ କାର୍ଯ୍ୟାନୁଷ୍ଠାରେ ଦାୟତ୍ୱହୀନତା କାରଣରୁ କାହିଁକି ସମ୍ପୃକ୍ତ ଅଧିକାରୀଙ୍କ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ? ଏ ଦିଗରେ ପଂଚାୟତରାଜ ବିଭାଗ ସମସ୍ତ ଘଟଣାକୁ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଜନସାଧାରଣଙ୍କର ସ୍ୱାର୍ଥ ଦୃଷ୍ଟିରୁ ଲିଙ୍ଗିପୁର ପଂଚାତୟରେ ଅଲଗା ଭାବେ ପିଇଓ ଅବସ୍ଥାପିତ କରାଯାଉ । ଭୁବନେଶ୍ୱର ବିଡିଓଙ୍କୁ ହ୍ୱାଟସ୍‌ଆପ୍ ଦ୍ୱାରା ଏହି ନିର୍ଦ୍ଦେଶ ପରେ ପ୍ରତକ୍ରିୟା ପାଇଁ ଆମ ପ୍ରତିନିଧି ଜାଣିବାକୁ ଚାହିଁଥିଲେ ମଧ୍ୟ ବିଡିଓ ମହାଶୟ ନୀରବ ।


# ମୁଁ ବିଜେଡିରେ ନାହିଁ-ତଥାଗତ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନିଜର ରାଜନୈତିକ ଭବିଷ୍ୟତକୁ ନେଇ ଚର୍ଚ୍ଚାରେ ପୂର୍ବତନ ବିଜେଡି ସାଂସଦ ତଥାଗତ ଶତପଥୀ । ଢେଙ୍କାନାଳର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ତଥାଗତ ଶତପଥୀ ଏକ ବଡ ବୟାନ ରଖିଛନ୍ତି । କହିଛନ୍ତି ୨୦୧୯ ମେ ୩୦ ତାରିଖ ପରଠାରୁ ଆଉ ସିଏ ବିଜେଡିରେ ନାହାଁନ୍ତି । ଏବେ ସେ ଜଣେ ସାଧୀନ ନାଗରିକ ଭାବେ ସାଧୀନ ଚିନ୍ତା କରିପାରିବେ । ୨୦୧୯ରେ ନିର୍ବାଚନ ଲଢିବେନି ବୋଲି ଗଣମାଧମରେ ଖୋଲାଖୋଲି ପ୍ରତିକ୍ରିୟା ରଖିଥିଲେ । ସେ କେଉଁ ରାଜନୈତିକ ଦଳକୁ ଯିବେ ନା ରାଜନୀତିରୁ ସନ୍ୟାସ ନେବେ ସେ ନେଇ କିଛି ସ୍ପଷ୍ଟ କରିନାହାଁନ୍ତି ତଥାଗତ ।



# ଡରିଗଲେ ତିର୍ତ୍ତୋଲ୍ ବିଧାୟକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ବିବାଦ ପରେ ବିବାହ ପାଇଁ ମନ ବଳାଇଲେ ବିଧାୟକ ଏହି ପ୍ରସଙ୍ଗକୁ ନେଇ କୌଣସି ପ୍ରତିକ୍ରିୟା ରଖି ନାହାନ୍ତି । ଉଭୟ ପକ୍ଷଙ୍କ ଓକିଲ ବିବାହ ପାଇଁ ଆବେଦନ କରିବା ବେଳେ ସବ ରେଜିଷ୍ଟର ଅଫିସରେ ଉପସ୍ଥିତ ଥିଲେ । ତିର୍ତ୍ତୋଲ ବିଧାୟକ ଦୀର୍ଘଦିନ ଧରି ସୋମାଲିକା ଦାଶଙ୍କୁ ପ୍ରେମ କରୁଥିଲେ । ନିକଟରେ ଉଭୟଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା ଏହାପରେ ସୋମାଲିକା ଉଭୟଙ୍କ ମଧ୍ୟରେ ଥିବା ଅନ୍ତରଙ୍ଗ ମୂହୁର୍ତ୍ତିର ଫଟୋ ସୋସିଆଲ ମିଡିଆରେ ସେୟାର କରି ଦେଇଥିଲେ । ପରେ ସୋମାଲିକା ଜଗତସିଂହପୁର ଏସପି ଅଫିସରେ ଏତଲା ଦେଇଥିଲେ । ଏବେ ଉଭୟଙ୍କ ମଧ୍ୟରେ ବିବାଦର ସମାଧାନ ହୋଇଥିବା ଜଣାପଡିଛି ।



## କଟକରୁ ମହିଳାଙ୍କ ମୃତଦେହ ମିଳିବା ଘଟଣା

# ସାମ୍ନାକୁ ଆସିଲା ମୃତ୍ୟୁ ପୂର୍ବର ସିସିଟିଭି ଫୁଟେଜ୍

**କଟକ(ସଂପର୍କବାର୍ତ୍ତା):-** କୃଷକ ବଜାରରୁ ମହିଳାଙ୍କ ମୃତଦେହ ମିଳିବା ଘଟଣାର ତଦନ୍ତ କରିବାରେ ଲାଗିପଡିଛି ପୋଲିସ୍ । ମହିଳାଙ୍କୁ ଚିହ୍ନଟ କରିବାକୁ ଫଟୋ ନେଇ ପାଖାପାଖି ଅଞ୍ଚଳକୁ ଯିବ ସ୍ୱତନ୍ତ୍ର ଟିମ୍ । ଇତି ମଧ୍ୟରେ ମହିଳାଙ୍କ ମୃତ୍ୟୁ ପୂର୍ବରୁ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି । ମୃତ୍ୟୁ ପୂର୍ବରୁ କୃଷକ ବଜାର ଭିତରକୁ ମହିଳା ଜଣକ ଯାଇଥିଲେ । ଭୋର ୪ଟା ୩୦ରେ କୃଷକ ବଜାର ଭିତରକୁ ଯାଉଥିବାର ଭିଜୁଆଲ୍ ସିସିଟିଭିରେ କଏଦ୍ ହୋଇଛି । ସିସିଟିଭିକୁ ଜବତ କରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଜାଗାରେ ସିସିଟିଭି ଯାଞ୍ଚ କରୁଛି ବିଡାନାସୀ ଥାନା ପୋଲିସ୍ । ଏଥିସହ ମହିଳାଙ୍କୁ ଚିହ୍ନଟ କରିବାକୁ ତାଙ୍କ ଫଟୋ ନେଇ ଆଜି କଟକ ସହରର ଆଖପାଖ ଅଞ୍ଚଳକୁ ଯିବ ସ୍ୱତନ୍ତ୍ର ଟିମ୍ । ପ୍ରକାଶ ଯେ ଗତ ୧୮ ତାରିଖ ଦିନ ସକାଳୁ କୃଷକ ବଜାର ନିକଟସ୍ଥ ପାଣି ଟାଙ୍କି ତଳୁ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ମହିଳାଙ୍କୁ ଦୁର୍ଷ୍ମ ପରେ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରୁଛି ପୋଲିସ୍ ।

# ପୋଲିସକୁ ପିଟିଲେ ମଦ ବେପାରୀ

**ବାଲିପାଟଣା(ସଂପର୍କବାର୍ତ୍ତା):-** ପୋଲିସକୁ ପିଟିରେ ମଦ ବ୍ୟବସାୟୀ ବାଲିପାଟଣା ଥାନା ପୋଲିସ ନରଦା ବଜାରରେ ଚୋରା ମଦ ଜବତ କରିବାକୁ ଯାଇ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲା ତାଙ୍କ ଠାରୁ ବଟି ନେଉଛ , ପୁଣି କାହିଁକି ଚଢଉ କରୁଛ ବୋଲି ପ୍ରଶ୍ନ କରିଥିଲେ ଏହା ପରେ ପୋଲିସକୁ ଗୋଡାଇ ପିଟିଥିଲେ । ଏହାପରେ ପୋଲିସ ବିରୋଧରେ ଏକାଠି ହୋଇ ରାସ୍ତାରୋକ କରିଥିଲେ । ନରଦା ବଜାରରେ ଥିବା ବଳରାମ ମହାରାଣାଙ୍କ ଭେରାଇଟ୍ ଚୋରା ମଦ ବିକ୍ରି ହେଉଥିବା ଅଭିଯୋଗ କରି ପୋଲିସ ଚଢାଉ କରିଥିଲା ଦୋକାନରୁ ପ୍ରାୟ ୨୨ଲିଟର ବିଦେଶୀ ମଦ ଜବତ କରାଯାଇଥିଲା ମଦ ବ୍ୟବସାୟୀଙ୍କୁ ସମର୍ଥନ କରି ସ୍ଥାନୀୟ ଲୋକେ ପୋଲିସକୁ ମାଡ ମାରିଥିଲେ । ଫଳରେ ପୋଲିସ ସେଠାରୁ ଖାଲି ହାତରେ ଫେରିଥିଲା ଏହା ପରେ ସ୍ଥାନୀୟ ଲୋକେ ନରଦା ବଜାରରେ ଟାୟାର ଜାଳି




ରାସ୍ତାରୋକ କରିଥିଲେ । ପୋଲିସ ଆନ୍ଦୋଳନର ନେତୃତ୍ୱ ନେଉଥିବା ସମିତି ସଭ୍ୟଙ୍କ ସମେତ ୬ଜଣଙ୍କୁ କୋର୍ଟ ଚାଲାଣ କରିଛି ।

# କଟକରୁ କେନ୍ଦ୍ରୀୟ ବିଦ୍ୟାଳୟକୁ ଉଠାଇନେବେ ?

**କଟକ(ସଂପର୍କବାର୍ତ୍ତା):-** କଟକ ପୂର୍ବାଞ୍ଚଳରେ ଦୀର୍ଘ ୧୨ ବର୍ଷ ହେବ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପିତ ହୋଇଥିଲେ ହେଁ ରାଜ୍ୟ ସରକାର ତଥା ଜିଲଶ ପ୍ରଶାସନର ଅବହେଳା ଯୋଗୁ ଆଜି ସୁଦ୍ଧା ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ହୋଇପାରି ନାହିଁ । ଯାହାଫଳରେ କେନ୍ଦ୍ରୀୟ ବିଦ୍ୟାଳୟ ଅନୁଷ୍ଠାନଟି ଅନ୍ୟତ୍ର ଉଠିଯିବାର ଆଶଙ୍କା ଅଂଚଳବାସୀ କରୁଛନ୍ତି । ୨୦୧୦ ମସିହାରୁ ଆରମ୍ଭ ହୋଇଥିବା ଏହି କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୨ ଆରମ୍ଭ ଦିନରୁ ଖପୁରିଆସ୍ଥିତ ରାଜ୍ୟ ଛାପାଖାନାର ଏକ ଗୋଦାମ ଗୃହରେ ଆଜି ପର୍ଯ୍ୟନ୍ତ ଚାଲୁଛି । ୨୦୧୧ ମସିହାରେ ସ୍କୁଲ ଗୃହ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନୂଆପଡା ଅଂଚଳର ବାଲିସାହିଠାରେ ୮ ଏକର ଜାଗା ଯୋଗାଇ ଦିଆଯାଇଥିଲେ ହେଁ ତାହା ଅତ୍ୟଧିକ ଖାଲୁଆ ହୋଇଥିବାରୁ ସେଠାରେ ଗୃହ ନିର୍ମାଣ କରିବା ସମ୍ଭବପର ହୋଇନାହିଁ । ଆଜି ସୁଦ୍ଧା ବିଦ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଜମି କେନ୍ଦ୍ରୀୟ ବିଦ୍ୟାଳୟ ଅନୁଷ୍ଠାନ



ନାମକୁ ଆସି ନଥିବା କୁହାଯାଉଛି ଏହି ଖାଲୁଆ ଜମିକୁ ବାଲି ଫିଲିଂ କରି ଗୃହ ନିର୍ମାଣ ଉପଯୋଗୀ କରାଯାଇ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ହସ୍ତାନ୍ତର କରିବା ପାଇଁ ନିୟ ରହିଥିଲେ ହେଁ ଜିଲା ପ୍ରଶାସନ ତରଫରୁ ସେଥିପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଯାଇ ନଥିବା ପ୍ରଫୁଲ ଚନ୍ଦ୍ର ପରିଡା, ଅମରେନ୍ଦ୍ର ପଶାୟତ, ଦୟାନିଧି ସ୍ୱାଇଁ, ସରୋଜ କୁମାର ଦାସ, ମାନସ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି । ବିଦ୍ୟାଳୟରେ ସରକାରୀ ଛାପାଖାନାର ଗୋଦାମ ଗୃହରେ ଅସ୍ଥାୟୀ ଭାବେ ଚାଲୁଥିବା ଓ ଶ୍ରେଣୀ ଗୃହଗୁଡିକ ଛୋଟ ଥିବାରୁ ଗୋଟିଏ ଶ୍ରେଣୀରେ ୬୦ ଭଳି ଛାତ୍ର ଛାତ୍ରୀ ବସିବା ସମ୍ଭବପର ହେଉନାହିଁ । ବିଦ୍ୟାଳୟରେ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଥିବାବେଳେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ବିଦ୍ୟାଳୟ ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ ।

# କଟକରେ ଉତ୍କଳଗୌରବ ମଧୁସୂଦନ ଭବନ ନିର୍ମାଣ କରାଯିବ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟପ୍ରବକ୍ତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସ୍ମୃତିରେ ସମବାୟ ବିଭାଗ ପକ୍ଷରୁ କଟକଠାରେ ଉତ୍କଳଗୌରବ ମଧୁସୂଦନ ଭବନ ନିର୍ମାଣ କରାଯିବ । କଟକ ଜେଲ୍‌ରୋଡ୍‌ସ୍ଥିତ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଶାଖା କାର୍ଯ୍ୟାଳୟ ପରିସରରେ ଏହି ଭବନ ନିର୍ମାଣ କରାଯିବ ।

ଏହି ପରିପ୍ରେକ୍ଷୀରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ନିଷ୍ପତ୍ତି ଅନୁଯାୟୀ ସମବାୟ ବିଭାଗର ସଚିବଙ୍କ ନେତୃତ୍ୱରେ ପୂର୍ତ୍ତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ସୂଚନା ଓ ଲୋକସଂପର୍କ ବିଭାଗ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, କଟକ ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିକାରୀମାନେ ଆସନ୍ତା ୨୬ ତାରିଖରେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବେ । ପରିଦର୍ଶନ ପରେ ରାସ୍ତା ଓ କୋଠାବାଡି



ବିଭାଗ, କଟକର ଅଧୀକ୍ଷଣ ଯନ୍ତ୍ରୀ ଜୁନ୍ ୩ ତାରିଖ ସୁଦ୍ଧା ସାଇଟ୍ ପ୍ଲାନ୍ ପ୍ରସ୍ତୁତ କରିବେ । ଏହାର ୧୫ ଦିନ ମଧ୍ୟରେ ଡିପିଆର୍ ପ୍ରସ୍ତୁତ କରାଯାଇ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନିମନ୍ତେ ଦାଖଲ କରାଯିବ ।

ବୈଠକରେ ସମବାୟ ବିଭାଗର ସଚିବ ସଂଜୀବ କୁମାର ଚଢା, ସମବାୟ ସମିତି ସମୂହର ନିବନ୍ଧକ ଉଦ୍ଧବ ଚରଣ ମାଝୀ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ସମବାୟ ବିଭାଗର ସ୍ୱତନ୍ତ୍ର ସଚିବ ଭରତ ଚନ୍ଦ୍ର ବେହେରା, କଟକ ଉନ୍ନୟନ କର୍ତ୍ତୃପକ୍ଷର ଅଧକ୍ଷ ଅନୀଲ କୁମାର ସାମଲ, ପୂର୍ତ୍ତ ବିଭାଗର ଇଂଜିନିୟର ଇନ୍ ଚିଫ୍ ହେମନ୍ତ କୁମାର ଦତ୍ତ, ପୂର୍ତ୍ତ ବିଭାଗର ଅତିରିକ୍ତ ଶାସନ ସଚିବ ସୁଶାନ୍ତ କୁମାର ବାରିକଙ୍କ ସମେତ ଅତିରିକ୍ତ ମୁଖ୍ୟଯନ୍ତ୍ରୀ(କୋଠାବାଡି), ସୂଚନା ଓ ଲୋକସଂପର୍କ ବିଭାଗର ଯୁଗ୍ମ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପସଚିବ, ରାସ୍ତା ଓ କୋଠାବାଡି ବିଭାଗ, କଟକର ଅଧୀକ୍ଷଣ ଯନ୍ତ୍ରୀ, କଟକ ମହାନଗର ନିଗମର ଯୁଗ୍ମ କମିଶନର ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

# ସମ୍ପାଦକୀୟ

## ପେନ୍‌ସନ୍ ଅଧିକାର

ଇନ୍ଦିରା ପାର୍କରେ ପ୍ରାତଃଭ୍ରମଣ ସାରି ଆମେ କେଇଜଣ ବନ୍ଧୁ ମୁଖ୍ୟତଃ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଚା ଦୋକାନରେ କଥାବାର୍ତ୍ତା ହେଉଥିବା ବେଳେ ଭଟବାବୁ ମୁହଁ ଶୁଖାଇ ବସିଥିଲେ। ତାଙ୍କୁ ଦେଖି ନରେନ୍ଦ୍ର ବାବୁ ପଚାରିଲେ ମୁହଁଟାକୁ କାହିଁକି ଆମ୍ବିଲା କରି ବସିଛ ? ଭଟବାବୁ କହିଲେ, ମୁଁ ଅବସର ଗ୍ରହଣ କରିବାର ୫ ବର୍ଷ ବିତିଯାଇଥିଲେ ମଧ୍ୟ ମୋ ପାଉଣା ବର୍ତ୍ତମାନ ମିଳିବାକୁ ନାହିଁ। ମୁଁ କହିଲି ଏସବୁ କଥା ଆମ ଦେହସୁଆ ହୋଇଗଲାଣି। ଆପଣ ବୋଧହୁଏ ନିକଟ ଅତୀତରେ ଗଣମାଧମରେ ଆଲୋଡନ ସୃଷ୍ଟି କରିଥିବା ଏକ ଖବର ବିଷୟରେ ଅବଗତ ଥିବେ। ଜଣେ ଅବସରକାଳୀନ ପାଉଣା ପାଇଁ ଅର୍ଥବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଦୌଡି ଦୌଡି ତାଙ୍କ ଜୀବଦ୍ଦଶାରେ ପାଉଣା ପାଇଲେ ନାହିଁ। ଏପରିକି ସର୍ବୋଚ୍ଚ ଅଦାଲତଙ୍କ ହସ୍ତକ୍ଷେପ ପରେ ଏହି ପାଉଣା ପ୍ରଦାନ ପାଇଁ ନିର୍ଦ୍ଦେଶ ଆସିଲା ବେଳକୁ ସେ ଏବଂ ତାଙ୍କ ଧର୍ମପତ୍ନୀ ଏ ସଂସାରରୁ ବିଦାୟ ନେଇଥିଲେ। ଏ କେବଳ ଗୋଟିଏ ଘଟଣା ନୁହେଁ ଶିକ୍ଷା ବିଭାଗ ହେଉ କି ଅର୍ଥ ବିଭାଗ; ଏହି ଅମଲାତନ୍ତ୍ରର ଖାମଖିଆଲି ନୀତି ଯୋଗୁ ଅବସରପ୍ରାପ୍ତ କର୍ମଚାରୀମାନେ କି ହୀନିଅବସ୍ଥା ହେଉଛନ୍ତି; ତାହା ଅନୁଭବୀ ହିଁ କେବଳ କହିପାରିବେ।

ବ୍ରଜବାବୁ କହିଲେ ଯେ, ଆପଣ ତ ଦୀର୍ଘଦିନ ଧରି ଅର୍ଥ ବିଭାଗରେ ଚାକିରି କରୁଥିଲେ। ଆମେମାନେ ଉଣାଅଧିକେ ଅବଗତ ନୋହୁଁ। ଆପଣ ଆମକୁ ଏ ବିଷୟରେ ଟିକିଏ ପ୍ରାଞ୍ଜଳ ଭାବେ ବୁଝାଇ କହିପାରିବେ କି ? ବନ୍ଧୁମାନଙ୍କର କଥାକୁ ଏଡାଇ ନ ପାରି ମୁଁ କହିଲି ଯେ, ନିମ୍ନଲିଖିତ ବିଷୟରେ ପେନ୍‌ସନ୍ ପାଉଥିବା ଅଧିକାଂଶ ଅବସରପ୍ରାପ୍ତ କର୍ମଚାରୀ ଅବଗତ ନୁହଁନ୍ତି- (୧) ପେନ୍‌ସନ୍ ହେଉଛି ଅବସରପ୍ରାପ୍ତ କର୍ମଚାରୀଙ୍କର ଅଧିକାର ଏବଂ ଏହା ସରକାରଙ୍କର ପ୍ରୋତ୍ସାହନ ବା ଅନୁକମ୍ପା ନୁହେଁ। ଭାରତୀୟ ସମ୍ବିଧାନର ଧାରା ୩୦୦-କ ଅନୁସାରେ ବ୍ୟକ୍ତିର ସମ୍ପତ୍ତି ଉପରେ ହେଉଛି ଏକ ମୌଳିକ ଅଧିକାର। (୨) ଆର୍ଥିକ କଟକଣା ସତ୍ତ୍ୱେ ପେନ୍‌ସନ୍‌ଭୋଗୀଙ୍କୁ ପେନ୍‌ସନ୍ ପ୍ରଦାନ କରାଯିବ। ଏହା ସର୍ବୋଚ୍ଚ ଅଦାଲତର ନିଷ୍ପତ୍ତି, ଯାହା ୨୦୧୫ର ଦେୱାନୀ ଅପିଲ ନଂ-୧୧୨୩ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି। (୩) ପେନ୍‌ସନ୍ ସଂଶୋଧନ ବୃଦ୍ଧି ସଂଶୋଧିତ ହାରରେ ଦରମା ଉପରେ ନିର୍ଭରଶୀଳ ନୁହେଁ। ସଂଶୋଧନ ବୃଦ୍ଧି ସଂଶୋଧିତ ହାରରେ ପେନ୍‌ସନ୍ ବୃଦ୍ଧି ଦରମା ହାରଠାରୁ ସମ୍ପୂର୍ଣ୍ଣ ମୁକ୍ତ। ଅଧିକାଂଶ ସରକାରୀ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କର ଧାରଣା ଯେ, ଦରମା ହାରଠାରୁ ସଂଶୋଧିତ ପେନ୍‌ସନ୍ ହାର ମୁକ୍ତ ନୁହେଁ। ସାଧାରଣତଃ ପେନ୍‌ସନ୍ ନିର୍ଦ୍ଧାରଣ ବେଳେ ଗୋଟିଏ ସୁବିଧା



ସମ୍ପାଦକ

ଦିଆଯାଇଥାଏ, ଧଦ୍ଦ୍ୱରା ପେନ୍‌ସନ୍‌ଭୋଗୀ ଅବସର ସମୟରେ କର୍ମଚାରୀ ପାଉଥିବା ଦରମା ହାର ମଧ୍ୟରେ ସମ୍ପର୍କ ରହେ ନାହିଁ। ଅବସର ପରେ ପେନ୍‌ସନ୍ କମ୍ ହେବ ନାହିଁ। (୪) ଅବସର ପରେ ପେନ୍‌ସନ୍ ଓ ଦରମା ହାର ମଧ୍ୟରେ ସମ୍ପର୍କ ରହେ ନାହିଁ। ଅବସର ପରେ ପେନ୍‌ସନ୍‌ଭୋଗୀ ଓଡ଼ିଶା ସାଧାରଣ ସେବା(ପେନ୍‌ସନ୍) ଅଧିନିୟମର ପରିସରଭୁକ୍ତ। ସମସ୍ତ ପେନ୍‌ସନ୍‌ଭୋଗୀ ଗୋଟିଏ ଶ୍ରେଣୀଭୁକ୍ତ। ସମସ୍ତ ପେନ୍‌ସନ୍‌ଭୋଗୀଙ୍କର ପେନ୍‌ସନ୍ ହାରରେ ସଂଶୋଧନ ସମାନ ଭାବେ ହୋଇଥାଏ। ପେନ୍‌ସନ୍‌ଭୋଗୀମାନଙ୍କ ଭିତରେ କୌଣସି ତାରତମ୍ୟ ରହିବ ନାହିଁ। ଗୋଟିଏ ଶ୍ରେଣୀର ପେନ୍‌ସନ୍‌ଭୋଗୀଙ୍କ କ୍ଷେତ୍ରରେ କୌଣସି ତାରତମ୍ୟ ରହିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ରାୟ ଦେଇଛନ୍ତି। (୫) ଓଡ଼ିଶା ସରକାର ପ୍ରାକ୍ ୨୦୦୬ ପେନ୍‌ସନ୍‌ଭୋଗୀଙ୍କ ବକେୟା ପାଉଣା ପ୍ରଦାନକୁ ମନା କରିଥିବା ବେଳେ ତା ୧.୧.୨୦୦୬ରିଖ ଠାରୁ ୩୧.୧୨.୨୦୧୫ ମଧ୍ୟରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ କ୍ଷେତ୍ରରେ ପେନ୍‌ସନ୍ ପାଇଁ ସର୍ବନିମ୍ନ ପେନ୍‌ସନ୍ ଧାର୍ଯ୍ୟ କରିଛନ୍ତି। ଏହା ସର୍ବୋଚ୍ଚ ଅଦାଲତଙ୍କ ରାୟର ବିରୁଦ୍ଧାଚରଣ କରିଛି। ଏହି ଆଦେଶ ଦ୍ୱାରା ସବୁ ପେନ୍‌ସନ୍‌ଭୋଗୀ ହଇରାଣ ହେଉଛନ୍ତି। (୬) ସବୁ ସରକାରୀ କର୍ମଚାରିଙ୍କର ଧାରଣା ଯେ ପେନ୍‌ସନ୍ ନିର୍ଦ୍ଧାରଣ କରିବାରେ ସରକାର ହେଉଛନ୍ତି ସର୍ବେସର୍ବା ଏବଂ ଏଥିରେ ସର୍ବୋଚ୍ଚ ଅଦାଲତଙ୍କ ହସ୍ତକ୍ଷେପ କରିବାର କ୍ଷମତା ନାହିଁ। କିନ୍ତୁ ପେନ୍‌ସନ୍ କ୍ଷେତ୍ରରେ ଯଦି କୌଣସି ପେନ୍‌ସନ୍ ଅନ୍ୟାୟ ଭାବେ ସ୍ଥିରିକୃତ ହୋଇଥାଏ ସେ କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ କରିପାରିବେ। (୭) ଓଡ଼ିଶା ସାଧାରଣ ସେବା(ପେନ୍‌ସନ୍) ଅଧିନିୟମ ୧୯୯୨ ଅନୁସାରେ ଅବସର ବେଳେ କର୍ମଚାରୀ ଯେଉଁ ପଦରୁ ଅବସର ନେବେ ସେହି ପଦବୀରେ ପାଉଥିବା ଦରମାର ୫୦ ପ୍ରତିଶତରେ ପେନ୍‌ସନ୍ ସ୍ଥିରିକୃତ ହେବ। ମୂଳ ପେନ୍‌ସନ୍, ମୂଳ ପେନ୍‌ସନ୍ ଆକାରରେ ପାଉଥିବା ଟଙ୍କା, ପରବର୍ତ୍ତୀ ସମୟରେ ପେନ୍‌ସନ୍ ସଂଶୋଧନ ସମୟରେ ସଂଶୋଧିତ ହେବଂ ଏବଂ ତା' ପରେ ସ୍ଥିର ହେଉଥିବା ପେନ୍‌ସନ୍ ହିଁ ବ୍ୟକ୍ତିର ମୂଳ ପେନ୍‌ସନ୍ ହେବ। ଏହା ଉପରେ ମହଙ୍ଗା ଭତ୍ତା(ଟିଆଇ) ହିସାବ କରାଯିବ। କଥାଟିକୁ ଆଉ ଟିକେ ସରଳ ଭାବେ ଉଦାହରଣ ମାଧ୍ୟମରେ ବୁଝାଇଦେଲେ ପ୍ରସଙ୍ଗଟି ବୁଝାପଡିବ। ଧରନ୍ତୁ 'କ' ଏବଂ 'ଖ' ଯଥାକ୍ରମେ ଏକ ଶ୍ରେଣୀଭୁକ୍ତ ପଦବୀରେ ରହି ମାସିକ ଯଥାକ୍ରମେ ୬୦ ହଜାର ଓ ୫୦ ହଜାର ପେନ୍‌ସନ୍ ପାଇବେ ବୋଲି ସ୍ଥିରିକୃତ ହେଲା। ଏହିପରି ଭାବେ ଉଭୟଙ୍କ ପେନ୍‌ସନ୍‌ରେ ତଫାତ ଦଶ ହଜାର ରହିଲା। ଏପରିକି ପରବର୍ତ୍ତୀ କାଳରେ କ୍ରମାନ୍ୱୟରେ ପେନ୍‌ସନ୍ ସଂଶୋଧନ କରାଯାଇଥିଲେ ମଧ୍ୟ ଏହି ପାର୍ଥକ୍ୟ ମୃତ୍ୟୁ ପର୍ଯ୍ୟନ୍ତ ସମାନ ରହିବ। ଏହି ପାର୍ଥକ୍ୟ ଅନୁସାରେ ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ପେନ୍‌ସନ୍ ପାଇବେ।


(୮) ରାଜ୍ୟରେ ୭ମ ବେତନ କମିଶନଙ୍କ ସୁପାରିସ ଆଧାରରେ ସଂଶୋଧିତ ହାରରେ ଦରମା ଓ ପେନ୍‌ସନ୍ ତା ୧.୧.୨୦୧୬ରିଖରୁ ଦରମା ସଂଶୋଧନରେ ଥିବା ଅସଂଗତିକୁ ଦୂର କରିବା ପାଇଁ କମିଟି ବସିନାହିଁ। ଏହା ଅର୍ଥବିଭାଗର ମନ୍ଦ ଉଦ୍ଦେଶ୍ୟକୁ ସୂଚିତ କରୁନାହିଁ କି ? ପୁନଶ୍ଚ ଏହା ସରକାରଙ୍କର କର୍ମଚାରୀ ଓ ପେନ୍‌ସନ୍ ଭୋଗୀମାନଙ୍କ ପ୍ରତି ଏକଛତ୍ରବାଦ ମନୋଭାବକୁ ସୂଚିତ କରୁନାହିଁ କି ? (୯) ସରକାର ଅପାରଗ ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ବେଳେ ଦରମା ହାରରେ ଥିବା ଅସଂଗତିକୁ ଦୂର କରିବା ପାଇଁ ଏ ପର୍ଯ୍ୟନ୍ତ କମିଟି ବସିନଥିବା ନେଇ ଅପାରଗ ଓ ଅବହେଳା ପ୍ରଦର୍ଶନକାରୀଙ୍କ ବିରୁଦ୍ଧରେ ଠୋସ୍ ପଦକ୍ଷେପ କାହିଁକି ନିଆ ନ ଯିବ ? ଏହା ଦ୍ୱାରା ସରକାର ପ୍ରକାରାନ୍ତରେ ନିନ୍ଦିତ ହେଉଛନ୍ତି। ଅନ୍ୟପକ୍ଷେ ପେନ୍‌ସନ୍ ସମ୍ବନ୍ଧୀୟ ବିବାଦ ଯୋଗୁ ସରକାର ନିଜେ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହେବା ଦ୍ୱାରା କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଓଡ଼ିଶା ସଚିବାଳୟ ନିର୍ଦ୍ଦେଶାବଳୀରେ ପେନ୍‌ସନ୍ ଓ ତଜ୍ଜନିତ ଅସଂଗତିକୁ ଦୂର କରିବା ପାଇଁ ନିର୍ଦ୍ଦେଶାବଳୀରେ ରହିଛି। ହଠାତ୍ ହାତଘଡିକୁ ଅନାଇଲା ବେଳକୁ ଦିନ ୧୦ଟା ବାଜିଲାଣି। ବନ୍ଧୁମାନଙ୍କଠାରୁ ବିଦାୟ ନେଲି ଏବଂ ସେମାନଙ୍କୁ କହିଲି ଏସବୁ ବିଷ୍ୟରେ ସଚେତନ ହୁଅନ୍ତୁ ଏବଂ ନିଜର ଅଧିକାର ବିଷୟରେ ଅନ୍ୟ ପେନ୍‌ସନ୍‌ଭୋଗୀମାନଙ୍କୁ ଅବଗତ କରାନ୍ତୁ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ପ୍ରକୃତ ସ୍ୱାମୀ

ଗୋଟିଏ ସହରରେ ଜଣେ ସ୍ତ୍ରୀ ଲୋକ ରହୁଥିଲେ। ତାଙ୍କର ନାମ ଥିଲା ସ୍ୱର୍ଣ୍ଣମୟୀ। ପିଲା ଦିନୁ ସେ ସ୍ୱର୍ଣ୍ଣଅଳଙ୍କାରରେ ସଜେଇ ହୋଇ ରହିବାକୁ ଭଲ ପାଉଥିଲେ। ବୟସ ବଢ଼ିବା ସଙ୍ଗେ ସଙ୍ଗେ ସ୍ୱର୍ଣ୍ଣମୟୀ ଜଣେ ଅଳଙ୍କାର ବ୍ୟବସାୟୀଙ୍କୁ ବିବାହ କରିଥିଲେ। ସ୍ୱର୍ଣ୍ଣମୟୀ ଦେଖିବାକୁ ଅତ୍ୟନ୍ତ ସୁନ୍ଦରୀ ଥିଲେ ଓ ତାଙ୍କର ସମସ୍ତ ଆଶା ସ୍ୱାମୀ ବିଶ୍ୱରୂପ ପୂରଣ କରିଦେଉଥିଲେ। ସ୍ୱର୍ଣ୍ଣମୟୀ ନିଜ ଘରେ ସୁନାରୂପାରେ ତିଆରି କୃଷ୍ଣ, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, ହନୁମାନ ପ୍ରଭୃତି ଦେବା ଦେବୀଙ୍କୁ ରଖି ସ୍ୱର୍ଣ୍ଣପଦ୍ମ ଫୁଲରେ ପୂଜା କରୁଥିଲେ। ପୂଜାଘର ଆଗରେ କଡ଼ା ପହରା ରହୁଥିଲା। ସ୍ୱାମୀ ଓ ସ୍ତ୍ରୀଙ୍କ ବ୍ୟତୀତ ଆଉ କାହାକୁ ଯିବାକୁ ଅନୁମତି ମିଳୁନଥିଲା। ଏପରିକି ସ୍ୱର୍ଣ୍ଣମୟୀ ଓ ତାଙ୍କର ସ୍ୱାମୀ ରୂପା ଥାଳି ଉପରେ ପୂଜା ପାର୍ବଣ ସମୟରେ ହୀରାଖଣ୍ଡର ପୁଷ୍ପାଞ୍ଜଳୀ ଅର୍ପଣ କରୁଥିଲେ। ଦିନେ ବିଶ୍ୱରୂପଙ୍କୁ ତାଙ୍କର ଜଣେ ବନ୍ଧୁ ସତ୍ୟ ବେଦପୁଷ୍ପାଞ୍ଜଳୀ ବୋଲି ଏକ ପୁସ୍ତକ ଉପହାରରେ ଦେଇଥିଲେ। ବିଶ୍ୱରୂପଙ୍କର ପଢ଼ିବା ପାଇଁ ସମୟ ନଥିବାରୁ ସେ ବହିଟିକୁ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣମୟୀଙ୍କୁ ଦେଲେ ଓ କହିଲେ ବହିଟି ଭାରି ଉପାଦେୟ, ମୂଲ୍ୟବୋଧଭିତ୍ତିକ। ସମୟ ପାଇଲେ ବହିଟିକୁ ପଢ଼ି ବୁଝି ପାରିଲେ ଭଲ। ସ୍ୱର୍ଣ୍ଣମୟୀ ସ୍ୱାମୀଙ୍କ କଥାମାନି ସେ ବହିରୁ କିଛି ଧାଡ଼ି ମନେରଖିବାକୁ ଚେଷ୍ଟା କଲେ ଓ ତାଙ୍କର ସ୍ୱାମୀଙ୍କୁ ଏହାର ଅର୍ଥ କ'ଣ ପଚାରି ବୁଝିବାକୁ ମନସ୍ତ କଲେ। ସେ ମନେରଖିଥିବା ଧାଡ଼ିଟି ମାନ ଏହିପରି ଥିଲା - 'ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍, ସ ଭୂମିଂ ୱିଶ୍ୱତୋ ୱୃତ୍ୱା ଅତ୍ୟତିଷ୍ଠଦ୍ଦଶାଙ୍ଗୁଳମ୍'। ଅର୍ଥ ସର୍ବତ୍ର ବିଦ୍ୟମାନ ପରମ ପୁରୁଷ ସହସ୍ର ଶିର, ସହସ୍ର ଚକ୍ଷୁ ଅଙ୍ଗବିଶିଷ୍ଟ ଅଟନ୍ତି। ସେ ତାଙ୍କ ପୂର୍ଣ୍ଣ ବିଭାବରେ ସମଗ୍ର ବିଶ୍ୱ ମଧ୍ୟରେ ଦଶ ଆଙ୍ଗୁଳି ପରିମିତ ଆକାରରେ ପରିବ୍ୟାପ୍ତ ହୋଇ ରହିଛନ୍ତି।

ଦିନେ ସେ ବିଶ୍ୱରୂପଙ୍କୁ କହିଲେ ତୁମେ ମତେ ଜୀବନରେ ସବୁକିଛି ଦେଇଛ ହେଲେ ଏ ଉପରୋକ୍ତ ଶ୍ଳୋକର ଅର୍ଥ କ'ଣ ? ଓ ମୁଁ ଭଗବାନଙ୍କର ସେ ରୂପକୁ ଦର୍ଶନ କରିବାକୁ ଚାହୁଁଛି, ତୁମେ ଦୟାକରି ମତେ ତାର ଉପାୟ ବତାଇ ଦିଅ। ପ୍ରଥମେ ପ୍ରଥମେ ବିଶ୍ୱରୂପ ଏହାକୁ କର୍ଣ୍ଣପାତ କରୁନଥିଲେ। ଦିନେ ତାଙ୍କ ଘର ଆଗରେ ଥିବା ଏକ ଖୋଲା ପଡ଼ିଆରେ ଜଣେ ଧର୍ମଗୁରୁଙ୍କର ଦର୍ଶନ ଲାଭ ପାଇଁ ପ୍ରବଳ ଭିଡ଼ ହୋଇଥାଏ। ସୋରିଷଟିଏ ପକାଇବାକୁ ମଧ୍ୟ ଜାଗା ନଥାଏ। ମାଳ ମାଳ ମୁଣ୍ଡ ଓ ହାତ ଛଡ଼ା ଅନ୍ୟ କିଛି ଦେଖାଯାଉନଥାଏ। ସେ ଦିନ ସ୍ୱର୍ଣ୍ଣମୟୀ ଶ୍ଳୋକର ରୂପକୁ ଦେଖାଇ ଦେବାକୁ ଜିଦି ଧରିବାରୁ ସେ କହିଲେ ଜଣେ ସ୍ୱାମୀ ଆସିଛନ୍ତି। ତାଙ୍କୁ ସମସ୍ତେ ସ୍ୱାମୀ ସ୍ୱାମୀ ବୋଲି ଡାକୁଛନ୍ତି। ତେଣୁ ତୁମେ ଝରକା



ଅନୀତା ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାପିକା, ସିଡ଼ିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

ପାଖକୁ ଯାଅ ଝରକା ଖୋଲି ପରଦା ଆଡ଼େଇ ଦେଖିଲେ ତୁମେ ଶ୍ଳୋକର ଅର୍ଥ ଯାହାକି ଭଗବାନଙ୍କର ବିଶ୍ୱରୂପ ତାକୁ ଦର୍ଶନ କରିପାରିବ। ସ୍ୱର୍ଣ୍ଣପ୍ରଭା ସ୍ୱାମୀଙ୍କ କଥା ମାନି ଝରକା ଖୋଲି ଦେଖନ୍ତିତ କେବଳ ମୁଣ୍ଡମାଳ। ସେ ଦିନ ଉକ୍ତ ଧର୍ମଗୁରୁ ବିଶ୍ୱରୂପଙ୍କର ଅନୁରୋଧ କ୍ରମେ ତାଙ୍କ ବାସଭବନକୁ ଆସିଥିଲେ ଓ ସ୍ୱାମୀ ସ୍ତ୍ରୀ ଘର ଭିତରର ମନ୍ଦିରକୁ ତାଙ୍କୁ ଦର୍ଶନ କରାଇଥିଲେ। ସେ ଦିନ ସ୍ୱାମୀ ସ୍ତ୍ରୀ ଉଭୟେ ତାଙ୍କୁ ସ୍ୱାମୀ ସ୍ୱାମୀ ବୋଲି ସମ୍ବୋଧନ କରୁଥିଲେ ଓ ତାଙ୍କର ଆତିଥ୍ୟରେ ସନ୍ତୁଷ୍ଟ ହୋଇ ଧର୍ମଗୁରୁ ତାଙ୍କୁ ଶୂନ୍ୟରୁ କାଢ଼ି କିଛି ବିଭୂତି ପ୍ରଦାନ କରିଥିଲେ।

ଏହି ଘଟଣାର କିଛି ଦିନ ପରେ ବିଶ୍ୱରୂପଙ୍କର ଦେହାନ୍ତ ହୋଇଥିଲା। ସବୁ ଆଶା ପୂରଣ କରି ପାରୁଥିବା ବିଶ୍ୱରୂପଙ୍କର ମୃତ୍ୟୁରେ ସ୍ୱର୍ଣ୍ଣମୟୀ ଅତ୍ୟନ୍ତ ମର୍ମାହତ ହୋଇଥିଲେ। ଯେଉଁ ସ୍ୱାମୀଙ୍କ ପାଇଁ ସେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ ତାଙ୍କ ଅନୁପସ୍ଥିତିରେ ଭଗବାନଙ୍କର ଆଉ ପୂଜା ଲୋଡ଼ା ନାହିଁ ଭାବି ସେ ଘରେ ଥିବା ମନ୍ଦିର ଗୃହକୁ ପ୍ରବେଶ କଲେନାହିଁ। ଏକ ଶୃଙ୍ଗାରର ନାରୀକୁ ବ୍ୟବସାୟ ବାଣିଜ୍ୟ, ସଂସାରର ଚାପ ମର୍ମାହତ କରୁଥିଲା। ସେ ନିଜର ଶୃଙ୍ଗାର ମଧ୍ୟ ଆଉ କଲେ ନାହିଁ। ସବୁବେଳେ ଭାବୁଥିଲେ ଏ ଜୀବନର ଆଉ କି ମୂଲ୍ୟ। ଦିନେ ପ୍ରାତଃ ସମୟରେ ଉକ୍ତ ଧର୍ମଗୁରୁ ସ୍ୱର୍ଣ୍ଣମୟୀଙ୍କର ବାସଭବନକୁ ତାଙ୍କର କେତେକ ଶିଷ୍ୟଙ୍କୁ ଧରି ହଠାତ୍ ଆଗମନ କଲେ। ଏପରି ଜଣେ ଅତି ବିଶିଷ୍ଟ ଗୁରୁଙ୍କୁ ଘରେ ଅଚାନକ ପଦାର୍ପଣ କରିଥିବାର ଦେଖି ସ୍ୱର୍ଣ୍ଣମୟୀ ବିମୋହିତ ହୋଇଯାଇଥିଲେ ଓ ସ୍ୱାମୀ ସ୍ୱାମୀ କହି ପାଦତଳେ ପଡ଼ି ଲୋତକ ଝରାଇଥିଲେ। ଗୁରୁ (ସ୍ୱାମୀ) ଖୁବ ସ୍ୱଳ୍ପ ସମୟ ସ୍ୱର୍ଣ୍ଣପ୍ରଭାଙ୍କ ସହ ବାର୍ତ୍ତାଳପ କରି ସେଠାରୁ ଚାଲିଯାଇଥିଲେ। ସେ କହିଥିଲେ। 'ବିଶ୍ୱରୂପର ଦେହାନ୍ତ ଓ ମୋ ସହିତ ମିଶ୍ରଣ କଥା ମୁଁ ଜାଣେ। ଭଗବାନ ଏ ବିଶ୍ୱରେ ଅଦୃଶ୍ୟ ରୂପରେ ଥାଆନ୍ତି। ଯେପରି ହିରାଖଚିତ ହାରକୁ ସ୍ୱର୍ଣ୍ଣରୂପକ ତାର ଲୁକାୟିତ ଭାବେ ଧରି ରଖିଥାଏ। ସେହିପରି ଭଗବାନ ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇ ମଣିଷ ମଧ୍ୟରେ ଆତ୍ମଶକ୍ତି ଭାବେ ବିଦ୍ୟମାନ ଥାଆନ୍ତି। ତୁମେ ଝରକା ଖୋଲି ସେ ଦିନ ବିଶ୍ୱରୂପଙ୍କୁ ଦର୍ଶନ କରିଥିଲ। ଗୋପୀକା ମାନେ କୃଷ୍ଣଙ୍କୁ ସ୍ୱାମୀ ରୂପେ ଗ୍ରହଣ କରିଥିବାରୁ ଉଦ୍ଧବଙ୍କର କଥାକୁ ଗ୍ରହଣ କରିବାପାଇଁ ସେମାନଙ୍କର ହୃଦୟରେ ଜାଗା ନଥିଲା। ସାରା ପୃଥିବୀ ଗୋପିକା ମାନଙ୍କ ପାଇଁ ବିଷ୍ଣୁମୟ ଜଗତ ହୋଇଥିବାରୁ ଗଛ, ଫୁଲ, ଫଳ, ଲତା ସମସ୍ତଙ୍କୁ ଧରି କୃଷ୍ଣ ପ୍ରେମରେ ବିହ୍ୱଳ ହୋଇ ସେମାନେ କ୍ରନ୍ଦନ କରୁଥିଲେ। ଭଗବାନ ହିଁ ତୁମର ସ୍ୱାମୀ ଯେ କି ତୁମ ମଧ୍ୟରେ ତୁମର ମୃତ୍ୟୁ ପର୍ଯ୍ୟନ୍ତ ରହି ସମସ୍ତ କଥା ବୁଝୁଛନ୍ତି ବୁଝିବେ ମଧ୍ୟ। ଏ କଥା ଶୁଣି ସେହିଦିନ ଠାରୁ ସ୍ୱର୍ଣ୍ଣମୟୀ ପୁଣି ମନ୍ଦିର ଖୋଲି ପୂଜାର୍ଚ୍ଚନା କରିବା ସହିତ ଜନସେବାରେ ନିଜକୁ ଓ ତାଙ୍କର ଅର୍ଥକୁ ନିୟୋଜିତ କଲେ।

# ସଙ୍କଟ ମୋଚକ ଧର୍ମେନ୍ଦ୍ର ପ୍ରଧାନ

ଦିବଂଗତ ବିଶିଷ୍ଟ ରାଷ୍ଟ୍ରନେତା କିମ୍ବଦନ୍ତୀ ଜନନାୟକ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ବିଜେପିର ସଙ୍କଟମୋଚକ ଥିଲେ ବାଜପେୟୀଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଅନୁଗତ ସ୍ୱଗତଃ ପ୍ରମୋଦ ମହାଜନ। ସହଯେ ତ ସବୁ ଦଳରେ ବାଜପେୟୀଙ୍କ ଭଲ ପାଉଥିବା ଅନେକ ବଡ଼ ବଡ଼ ନେତା ଥିଲେ। କାରଣ ବାଜପେୟୀଙ୍କ ନୀତି ଥିଲା ରାଷ୍ଟ୍ରର ସ୍ୱାର୍ଥ ଆଗ ଦଳର ସ୍ୱାର୍ଥ ହେଉଛି ପଛ। ଜଣେ ପ୍ରଧାନମନ୍ତ୍ରୀ କୌଣସି ଦଳ ହୋଇପାରେ କିନ୍ତୁ ସେ ହେଉଛନ୍ତି ଦେଶର ଓ ସମସ୍ତଙ୍କର ଆଦରଣୀୟ ରାଷ୍ଟ୍ରନେତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଜପେୟୀଙ୍କ ଠାରୁ ସମ୍ପୂର୍ଣ୍ଣ ଅଲଗା ବ୍ୟକ୍ତିତ୍ୱ ତେବେ କେବଳ ବିଜେପି ଆଭ୍ୟନ୍ତରୀଣ ମହଲ ନୁହେଁ ରାଜନୈତିକ ସମୀକ୍ଷକ ଓ ବିଭିନ୍ନ ରାଜନୈତିକ ଦଳ ଭିତରେ ବଡ଼ ଚର୍ଚ୍ଚା ଜୋର ଧରିଛି ଯେ କେନ୍ଦ୍ରର ସଶକ୍ତ ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ବିଜେପିର ତଥା ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟର ସଙ୍କଟ ମୋଚକ କିଏ ? ଯଦିଓ କ୍ୟାବିନେଟ ଓ ଦଳ ଉପରେ ନରେନ୍ଦ୍ର ମୋଦିଙ୍କ ପ୍ରଭାବଶାଳୀ ଭୂମିକା ରହିଛି ଓ ଆରଏସଏସର ମଧ୍ୟ ସୁସମ୍ପର୍କ ରହିଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନଡିଏ ମେଣ୍ଟ ଏହା ମଧ୍ୟରେ କୌଣସି ଅପ୍ରୀତିକର ଘଟଣାକୁ ସାମ୍ନା କରିନାହିଁ କିମ୍ବା ଦଳ ମଧ୍ୟରେ କୌଣସି ଆଭ୍ୟନ୍ତରୀଣ ଘଟଣା ମଧ୍ୟ ଘଟି ନାହିଁ। ତେବେ ଦଳ କୌଣସି ବଡ଼ ନିର୍ବାଚନ କିମ୍ବା ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ବାଚସ୍ପତି ଚୟନ ପ୍ରସଙ୍ଗରେ ଦଳ ଜଣକୁ କେବଳ ସଙ୍କଟ ମୋଚକ ନୁହେଁ ତାଙ୍କ ବ୍ୟକ୍ତିତ୍ୱ ଓ ବିଭିନ୍ନ ଦଳର ନେତୃତ୍ୱଙ୍କ ସହିତ ସୁସମ୍ପର୍କ ଦେଖି ସଙ୍କଟ ମୋଚକ ଦାୟିତ୍ୱ ଦେଇଥାଏ। ଆଗକୁ ଅର୍ଥାତ୍ ଜୁଲାଇରେ ରାଷ୍ଟ୍ରପତି ନିର୍ବାଚନ ରହିଛି। ଏହା ଭିତରେ ମୋଦି-ଶାହା ଯୋଡ଼ି ନିର୍ବାଚନ ବଲ ଗଡ଼େଇ ସାରିଛନ୍ତି। ରାଷ୍ଟ୍ରପତି ପଦବୀ ପାଇଁ ଘମାସନ ମନ୍ତ୍ରଣା, ଆଲୋଚନା ଆରମ୍ଭ ହୋଇଗଲାଣି। ଏହା କେବଳ ଦିଲ୍ଲୀ ରାଜନୀତି ନୁହେଁ ଭାରତ ବର୍ଷର ରାଜନୀତିକୁ ବର୍ତ୍ତମାନର ଖରା ଠାରୁ ଆହୁରି ତତେଇ ଦେଲାଣି। ନୂଆ ଦିଲ୍ଲୀର ରାଜନୈତିକ ମହଲ, ଜାତୀୟ ଗଣମାଧମ ଓ ରାଜନୈତିକ ସମୀକ୍ଷକମାନେ ଯେଉଁ ତଥ୍ୟ ରଖିଛନ୍ତି ତାହା ହେଉଛି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ସହ କଥାବାର୍ତ୍ତା କରି ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀତ୍ୱ ସମ୍ପର୍କରେ ସମର୍ଥନ ଜୁଟାଇବା ନିମିତ୍ତ ଦାୟିତ୍ୱ ଦେଇଛନ୍ତି। ଏହା କୋଟି କୋଟି ଓଡ଼ିଆଙ୍କ ପାଇଁ ନିଶ୍ଚିନ୍ତ ଗର୍ବ ଓ ଗୌରବର ପ୍ରସଙ୍ଗ। ଏହା ପୂର୍ବରୁ ଧର୍ମେନ୍ଦ୍ର ବାବୁ ଉତ୍ତରପ୍ରଦେଶ ଓ ବିହାରରେ ଦଳର ପ୍ରଭାରୀ ଦାୟିତ୍ୱରେ ରହି ଦଳକୁ ଅଭୁତପୂର୍ବ ସଫଳତା ଦେଇଛନ୍ତି। ଓଡ଼ିଶା ବିଜେପିର ପୋଷ୍ଟର ବୟ ଭାବେ କେବଳ ଧର୍ମେନ୍ଦ୍ର ବାବୁଙ୍କୁ ବୁଝାଯାଏନା ସେ ହେଉଛନ୍ତି ଓଡ଼ିଶା ବିଜେପିର ଭବିଷ୍ୟତ। ଏବଂ ରାଜନୈତିକ ସମୀକ୍ଷକ ମାନଙ୍କ ମତ ଯେ ସେ ମଧ୍ୟ ଓଡ଼ିଶା ବିଜେପିର ଓଡ଼ିଶା ପାଇଁ ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ଫେସ। ଛାତ୍ର ଜୀବନରୁ ଆରଏସଏସ୍ ସହ ଜଡ଼ିତ ରହି ଅଖିଳ ଭାରତୀୟ ବିଦ୍ୟା ପରିଷଦର ସେ ଜଣେ ଟାଣୁଆ ନେତା ଭାବେ ସେ ବେଶ ଦକ୍ଷତାର ସହିତ ତାଙ୍କ ଦାୟିତ୍ୱ ନିର୍ବାହ କରିଛନ୍ତି।



ବାଦଲ ଭୂୟାଁ
ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ'
ଦୂରଭାଷ : ୭୪୮୮୯୯୮୫୩୨

ମୋଦି-ଶାହାଙ୍କ ଅତ୍ୟନ୍ତ ଖାସ ତଥା କ୍ୟାବିନେଟର ପ୍ରଭାବଶାଳୀ ନେତା ଧର୍ମେନ୍ଦ୍ର ବାବୁଙ୍କୁ ପ୍ରଧାନମନ୍ତ୍ରୀ ଏନଡିଏର ସହଯୋଗୀ ଓ କିଛି ସମଭାବାପୂର୍ଣ୍ଣ ଆଞ୍ଚଳିକ ଦଳର ନେତାଙ୍କୁ ଭେଟି ସମର୍ଥନ ଯୋଗାଡ଼ର ଗୁରୁଦାୟିତ୍ୱ ଦେଇଛନ୍ତି। ଏଯାବତ ଏନ୍‌ଡିଏ ତାର ତାସ ଖୋଲି ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିନାହିଁ। ତେବେ ରାତାରାତି ଚମକାଇ ଦେଇ ସେପରି ଜଣା ହେଉନଥିବା ନାଁକୁ ଆଗକୁ ଆଣି ନିର୍ବାଚନୀ ବୈତରଣୀ ପାର କରିବାରେ ବେଶ ପାରଙ୍ଗମ ଓ ଦକ୍ଷତା ରଖିଛନ୍ତି ନରେନ୍ଦ୍ର ମୋଦି। ଧର୍ମେନ୍ଦ୍ର ବାବୁ ଦାୟିତ୍ୱ ନିର୍ବାହ କରି ଇତିମଧ୍ୟରେ ଜେଡ଼ିୟୁ ନେତା ତଥା ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଭେଟି ସାରିଛନ୍ତି। ନୀତିଶଙ୍କ ସହ ଧର୍ମେନ୍ଦ୍ର ବାବୁଙ୍କ ଅତ୍ୟନ୍ତ ସୁସମ୍ପର୍କ ରହିଛି ଏବଂ କୁହାଯାଉଛି ଯେ ତାଙ୍କ ଠାରୁ ସେ ସମର୍ଥନ ହାସଲ କରିସାରିଲେଣି। ଟିଆରଏସର ସୁପ୍ରିମୋ ଚନ୍ଦ୍ରଶେଖର ରାଓ, ୱାଇଏସଆର କଂଗ୍ରେସର ଜଗନ ରେଡ୍ଡୀ ଓ ବିଜେଡ଼ିର ସୁପ୍ରିମୋ ନବୀନ ବାବୁଙ୍କୁ ଭେଟି ଧର୍ମେନ୍ଦ୍ର ବାବୁ ସମର୍ଥନ ଜୁଟେଇ ପାରିବାର ବିଶ୍ୱାସ ରହିଛି। ରାଷ୍ଟ୍ରପତି ନିର୍ବାଚନ ପାଇଁ ଏନଡିଏ ସୁବିଧାଜନକ ସ୍ଥିତିରେ ଥିଲେ ମଧ୍ୟ ବିଜେପି ରିକ୍ସ ନେବା ପାଇଁ ଚାହୁଁନାହିଁ। ସୂଚନାଥାଉକି ୱାଇଏସଆରର ଜଗନ ରେଡ୍ଡୀ ଓ ବିଜେଡ଼ିର ନବୀନ ବାବୁ ଏନଡିଏରେ ଅଂଶୀଦାର ନ ହୋଇ ମଧ୍ୟ ଅଘୋଷିତ ମିତ୍ର ଭାବେ କାର୍ଯ୍ୟ କରୁଛନ୍ତି। ଏନଡିଏର ପ୍ରାର୍ଥୀତ୍ୱ ଏଯାଏ ଘୋଷଣା ନ ହୋଇଥିଲେ ମଧ୍ୟ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ, କେରଳର ରାଜ୍ୟପାଳ ଅରିଫ ମହମ୍ମଦ ଖାଁ ଓ ଡାକହର୍ସ ଭାବେ ତିନିଜଣ ମହିଳାଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି। ତାଙ୍କ ଭିତରେ ଆଗରେ ଅଛନ୍ତି ଓଡ଼ିଶାର ଆଦିବାସୀ ନେତ୍ରୀ ତଥା ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ, ତେଲେଙ୍ଗନାର ରାଜ୍ୟପାଳ ତାମିଲ ସାଇ ସୁନ୍ଦରାଜନ, ଛତିଶଗଡ଼ର ରାଜ୍ୟପାଳ ଅନସୂୟା ଓ୍ୱିକେ। ତେବେ କଥା ହେଉଛି ମୋଦିଙ୍କ ମନରେ କ'ଣ ଅଛି ତାକୁ ଠଉରେଇବା କାଠିକର କଥା। କାରଣ ଯାହାଙ୍କ ନାଁ ଚର୍ଚ୍ଚାରେ ଥାଏ ଅନେକ ପ୍ରସଙ୍ଗରେ ସେ ସାମ୍ନାକୁ ଆସିନଥାନ୍ତି। ତେବେ ବଡ଼ କଥା ହେଉଛି ଧର୍ମେନ୍ଦ୍ର ବାବୁ ସଙ୍କଟ ମୋଚକ ଭାବେ ଯେଉଁ ଗୁରୁ ଦାୟିତ୍ୱ ପାଇଛନ୍ତି ତାହାକୁ ସେ ନିଶ୍ଚୟ ସୂଚାରୁରୂପେ ନିର୍ବାହ କରିପାରିବେ। ବସ୍ତୁତଃ ପ୍ରଧାନମନ୍ତ୍ରୀ ତାଙ୍କୁ ଏକ ପ୍ରକାର ଏନଡିଏର ନିର୍ବାଚନୀ ଏଜେଣ୍ଟ ଭାବେ ମନୋନୀତ କରିଛନ୍ତି। ମୋଦି-ଶାହାଙ୍କ ଅତ୍ୟନ୍ତ ଅନୁଗତ, ଘନିଷ୍ଠ ନେତୃତ୍ୱ ଭାବେ ଦିଲ୍ଲୀ ରାଜନୀତିରେ ଧର୍ମେନ୍ଦ୍ର ବାବୁଙ୍କ ବଡ଼ ଉଚ୍ଚତା ରହିଛି। ସବୁଦଳ ମାନଙ୍କୁ ନେଇ ଜାତୀୟ ସ୍ୱାର୍ଥରେ କିପରି ଆଗେଇ ପାରିବା ସେ ଗୁରୁ ମନ୍ତ୍ରୀ ଧର୍ମେନ୍ଦ୍ର ବାବୁଙ୍କୁ ବେଶ ଜଣା। ଦଳର କେବଳ ଜଣେ ସଙ୍କଟ ମୋଚକ ନୁହେଁ ପରମ ମିତ୍ର ଭାବେ ଦଳ ଭିତରେ ସଂଗଠନକୁ ମଜଭୁତ କରିବା, ଏକତାର ମନ୍ତ୍ର ରଖି ସହଯୋଗୀ ମାନଙ୍କ ସହ ସୂଚାରୁରୂପେ ସୁସମ୍ପର୍କ ରଖି କେନ୍ଦ୍ରର ରାଷ୍ଟ୍ରନୀତିକୁ ଆଗେଇ ନେବା ସେ ମନ୍ତ୍ର ଧର୍ମେନ୍ଦ୍ର ବାବୁଙ୍କୁ ଜଣା। ଓଡ଼ିଶା ବିଜେପିର ଏହି ଚତୁର ଚାଣକ୍ୟ ଓ ଓଡ଼ିଶା ବିଜେପିର ଭବିଷ୍ୟତ କୁହାଯାଉଥିବା ଧର୍ମେନ୍ଦ୍ର ବାବୁ ଏହି ଗୁରୁ ଦାୟିତ୍ୱକୁ ଆଗେଇ ନେଇ ଓଡ଼ିଶାବାସୀଙ୍କ ଆଗରେ ତାଙ୍କ ବିଚକ୍ଷଣ, ରାଜନୈତିକ ଦକ୍ଷତା ଓ ସଙ୍କଟ ମୋଚକ ପରି ଗୁରୁଦାୟିତ୍ୱକୁ ନିର୍ବାହ କରି ସଫଳତା ପାଆନ୍ତୁ ଏହି କାମନା କରୁଛୁ।

# ଆତଙ୍କବାଦ ନିରୋଧ : ଏକ ମାନବିକ ଆହ୍ୱାନ

ଆଜି ହେଉଛି ଆତଙ୍କବାଦ ବିରୋଧୀ ଦିବସ। ଆତଙ୍କବାଦ ଏବେ ଆମ ଦେଶରେ ଏକ ବୃହତ ସମସ୍ୟା ହୋଇ ଦଣ୍ଡାୟମାନ। ତେଣୁ ଏହି ସମ୍ପର୍କିତ ସଚେତନତା ସୃଷ୍ଟି କରିବାକୁ ଏହି ଦିବସ ପାଳନ କରାଯାଏ। ସମଗ୍ର ବିଶ୍ୱରେ ମୁଣ୍ଡ ଟେକିଥିବା ସାମ୍ପ୍ରତିକ ଆହ୍ୱାନ ଭିତରେ ଆତଙ୍କବାଦ ଏକ ପ୍ରମୁଖ ଓ ବିପଜ୍ଜନକ ସମସ୍ୟା । ଋଷ, ୟୁକ୍ରେନ, ଦକ୍ଷିଣ ଆଫ୍ରିକା, ଆମେରିକା, ଚୀନ, ଶ୍ରୀଲଙ୍କା, ସୁଦାନ, ନାଇଜେରିଆ, ଜର୍ମାନ ଏପରିକି ଆମ ଭାରତ ମଧ୍ୟ ଏହି ସମସ୍ୟାରୁ ବର୍ତ୍ତି ପାରିନାହିଁ । ଦିନକୁ ଦିନ ସୂଚନା ପ୍ରଯୁକ୍ତିର ବୈଷୟିକ କ୍ରାନ୍ତୀର ସୁଲଭତା ଏହି ଆତଙ୍କବାଦର ପ୍ରସାରଣ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସମଗ୍ର ବିଶ୍ୱର ଅର୍ଥନୀତିକୁ ଦୋହଲାଇ ଦେବା ସହ ସମ୍ପୃକ୍ତ ରାଷ୍ଟ୍ରର ପ୍ରଗତିକୁ ବାଧାପ୍ରାପ୍ତ କରି ବ୍ୟାପକ ଧନଜୀବନ ନଷ୍ଟ ବିନଷ୍ଟ କରୁଥିବା ଏହି ଭୟାନକ ସମସ୍ୟାକୁ ନେଇ ବିଶ୍ୱର ଅଧିକାଂଶ ପ୍ରଗତିଶୀଳ ରାଷ୍ଟ୍ରମାନେ ମଧ୍ୟ ଏହି ସମସ୍ୟାରୁ ବର୍ତ୍ତି ପାରିନାହାଁନ୍ତି । ଆତଙ୍କବାଦର ଇତିହାସ ଓ ତଥ୍ୟକୁ ଅନୁଶୀଳନ କଲେ ଜଣାଯାଏ ଯେ ଏହି ଧ୍ୱଂସପ୍ରିୟ ଆତଙ୍କବାଦୀମାନେ କୌଣସି ନିର୍ଦ୍ଦିଷ୍ଟ ଦାବୀ ବା ଆହ୍ୱାନକୁ ଗ୍ରହଣ ନକରି ନିଜସ୍ୱ ଚିନ୍ତାକୁ ସମଗ୍ର ରାଷ୍ଟ୍ର ଉପରେ ଲଦି ଦେବା ପାଇଁ ଧମକ, ଦାବୀ ଓ ଅହଂକାରର ବଡ଼ିମାକୁ ନେଇ ପରବର୍ତ୍ତୀ ସମୟରେ ଯେଉଁ ଧ୍ୱଂସର ଲୀଳା ରଚନା କରିଥାନ୍ତି ସେଥିରେ ନିରୀହ ଜନତାମାନେ ହିଁ ଶିକାର ହୋଇଥାନ୍ତି । ଶହ ଶହ ଅମୂଲ୍ୟ ଜୀବନର ଦୀପ ଲିଭିଯାଏ । କୋଟି କୋଟି ଟଙ୍କାର ସମ୍ପତ୍ତି ନିମିଷକ ଭିତରେ ଭୁଷୁଡ଼ି ପଡ଼ିଥାଏ । ଆଉ ଏହି ଧ୍ୱଂସର ଭୟାନକ କାୟା ସଂପୃକ୍ତ ରାଷ୍ଟ୍ରର ଆର୍ଥିକ ପ୍ରଗତିକୁ ବାଧାପ୍ରାପ୍ତ କରିବା ସହିତ ଧ୍ୱଂସଲୀଳାର ଭୟାନକ ପରିବେଶ ସମଗ୍ର ବାୟୁମଣ୍ଡଳକୁ ମାସାଧିକକାଳ ଆକ୍ରାନ୍ତ କରିଥାଏ । ବିଶ୍ୱରେ ଆତଙ୍କବାଦୀମାନେ ଧନଜୀବନ ସହ ଖେଳ ଖେଳିବା ଭିତରେ ସଂପ୍ରତି ସାଇବର ଅପରାଧକୁ ବାଧାପ୍ରାପ୍ତ କରି ବିଶ୍ୱର ବିଭିନ୍ନ ରାଷ୍ଟ୍ରର ମୂଲ୍ୟବାନ ସମ୍ପତ୍ତିକୁ ନଷ୍ଟ କରିବା ସହିତ ସଂପୃକ୍ତ ରାଷ୍ଟ୍ରର ଜାତୀୟ ସୁରକ୍ଷା ଓ ନେଟ୍‌ୱାର୍କ ପ୍ଲେଇଗିଂକୁ ଏକପ୍ରକାର ଠପ୍ କରିଦେଇଥାନ୍ତି । ଜାତୀୟ ସମ୍ପତ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଚାର କରାଯାଉଥିବା ସରକାରଙ୍କ ସୂଚନା ପ୍ରଯୁକ୍ତି, ଗୃହବିଭାଗ, ଦୂରସଂଚାର ବିଭାଗ, ସ୍ୱରାଷ୍ଟ୍ର ବିଭାଗ, ବୈଜ୍ଞାନିକ ସମ୍ପର୍କିତ ତଥ୍ୟ, ସେନାବାହିନୀର ସୂଚନା ଏପରିକି ସରକାରଙ୍କ ବିଭିନ୍ନ ରାଜନୈତିକ ତଥ୍ୟାବଳୀକୁ ଚୋରାଇ ନେବା ପାଇଁ ଏହାକୁ ବିଭିନ୍ନ ସମୟରେ ହ୍ୟାକିଂ କରିଥାନ୍ତି । ଆତଙ୍କବାଦର ପୃଷ୍ଠଭୂମି

ବିଷ୍ଣୁରଞ୍ଜନ ପାଣିଗ୍ରାହୀ
(ଆଇ.ଟି.ଏସ୍.)
ମହାପ୍ରବନ୍ଧକ, ବିଏସଏନଏଲ

କଡ଼ ଲେଉଟାଇଲେ ସମଗ୍ର ବିଶ୍ୱର ବିଭିନ୍ନ ରାଷ୍ଟ୍ର ଏହି ଭୟାନକ ସମସ୍ୟାକୁ ନେଇ ନିଜର ଆର୍ଥିକ, ସାମାଜିକ ଓ ରାଜନୈତିକ ପ୍ରଗତିରେ ବେଶ କ୍ଷତି ସହିଛନ୍ତି । ସମଗ୍ର ବିଶ୍ୱରେ ଏହି ଆତଙ୍କବାଦର ନିରୋଧ ପାଇଁ ସବୁ ବିକଶିତ ରାଷ୍ଟ୍ରମାନେ ନିଜସ୍ୱ ଏଜେଣ୍ଡା ପ୍ରସ୍ତୁତ କରି ଏହା ବିରୁଦ୍ଧରେ ସଂଗ୍ରାମ ଜାରି ରଖିଛନ୍ତି । କିନ୍ତୁ ଏକତାର ଅଭାବରୁ ଆତଙ୍କବାଦୀମାନେ ବିଭିନ୍ନ ରାଷ୍ଟ୍ର ଭିତରେ ଏକ ପ୍ରକାର ଭୁଲବୁଝାମଣା ସୃଷ୍ଟି କରି ଧ୍ୱଂସର ଲୀଳା ଖେଳାଉଥିଲେ ବି ପରବର୍ତ୍ତୀ ସମୟରେ ସେମାନଙ୍କ ମାୟା ବୁଝିଲାବେଳକୁ ନେଡ଼ୀଗୁଡ଼ କହୁଣୀକୁ ବୋହିଯାଇଥାଏ ।

ଏହା ବ୍ୟତୀତ ୨୧ ମେ'ରେ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ଅଟେ। ତାଙ୍କ ସ୍ମୃତିରେ ସାରା ଦେଶରେ ଏହି ଦିନକୁ ଆତଙ୍କବାଦ ନିରୋଧୀ ଦିବସ ରୂପେ ପାଳନ କରାଯାଏ। ପ୍ରକାଶ ଥାଉକି, ୧୯୯୧ ମସିହାରେ ଭାରତରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁ ବରଣ କରିଥିଲେ। ତେବେ ଏହି ଦିବସ ଉପଲକ୍ଷେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ପିଏସ୍‌ଉ ଏବଂ ଅନ୍ୟ ବେସରକାରୀ କାର୍ଯ୍ୟାଳୟରେ ଆତଙ୍କବାଦ ସମ୍ପର୍କିତ ବିଭିନ୍ନ ଦିଗରେ ଆଲୋଚନା କରାଯାଏ। ଲୋକଙ୍କୁ ଆତଙ୍କବାଦ ଏବଂ ହିଂସାରୁ ଦୂରରେ ରଖିବା ଏହି ଦିବସର ଲକ୍ଷ୍ୟ। ଲୋକମାନଙ୍କ ମଧ୍ୟରେ ଆତଙ୍କବାଦୀଙ୍କ ଠାରୁ ଥିବା ବିପଦ, ହିଂସା, ଏହା ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳ ଏବଂ ଏହାକୁ ଦୂର କରିବାକୁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇ ସଚେତନତା ସୃଷ୍ଟି କରାଯାଏ। ବିଭିନ୍ନ ସ୍କୁଲ, କଲେଜ, ୟୁନିଭରସିଟିରେ ଏହି ସମ୍ପର୍କିତ କର୍ମଶାଳା କରାଯାଏ। ବହୁ ଏନ୍‌ଜିଓ, ସାଂସ୍କୃତିକ ଅନୁଷ୍ଠାନ ଏଥିନିମନ୍ତେ ନିଜର ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିଥାନ୍ତି। ଆତଙ୍କବାଦର ବିଭିଷୀକା ଆମ ଜାତୀୟ ସମ୍ପତ୍ତି ନଷ୍ଟ ସହ ମୂଲ୍ୟବାନ ଜୀବନ ଦୀପ ଲିଭିଯାଉଛି । ଜାତୀୟ ପ୍ରଗତି ପଛକୁ ବୁଲି ଯାଉଥିବାବେଳେ ବିଭିନ୍ନ ପ୍ରକାର ପାର୍ଶ୍ୱ ସମସ୍ୟା ଏହାପାଇଁ ମୁଣ୍ଡ ଟେକୁଛି । ଆସନ୍ତୁ ଆଜି ବିଶ୍ୱ ଆତଙ୍କବାଦ ନିରୋଧ ଦିବସ ପାଇଁ ଭାରତ ସହ ସମଗ୍ର ବିଶ୍ୱକୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଭିତରେ ଦେଖିବା ପାଇଁ ନିଜର କ୍ରାନ୍ତୀପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବା । ଏହି କ୍ଷେତ୍ରରେ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମ ଓ ଭୂମିକାକୁ ଅକୁଣ୍ଠ ସମର୍ଥନ ଯୋଗାଇବା ସହ ଆତଙ୍କବାଦକୁ ଦୃଢ଼ ହସ୍ତରେ ଦମନ ପାଇଁ ସମଗ୍ର ବିଶ୍ୱରେ ଜାଗରିତ ହେଉଥିବା ଦାୟିତ୍ୱ ଓ ଭୂମିକା ସହ ନିଜକୁ ସାଥୀ କରିବା ଏହା ହିଁ ହେବ ଆତଙ୍କବାଦର ମୂଳପ୍ୟାଟନ ପାଇଁ ନିଜର ଯଥାର୍ଥ ମାନବୀୟ ଦାୟିତ୍ୱବୋଧତା ।

# ସାଲେପୁର ବ୍ଲକରେ ଦଲାଲଙ୍କ ଦାଦାଗିରି !

**କଟକ(ସଂପର୍କବାର୍ତ୍ତା):-** ରାଜ୍ୟ ସରକାର ଗ୍ରାମାଞ୍ଚଳ ଲୋକଙ୍କ ଆର୍ଥିକ, ଗମନାଗମନ ଏବଂ ସାମୂହିକ ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ବ୍ଲକ ମାଧ୍ୟମରେ ଯୋଗାଇ ଦେଉଥିବାବେଳେ ସାଲେପୁର ବ୍ଲକରେ ସରକାରଙ୍କ ଅଧିକାଂଶ ଯୋଜନା କାର୍ଯ୍ୟକାରୀ ହେଉନାହିଁ । ଏବେ ସାଲେପୁର ବ୍ଲକ କେତେକ ଦଲାଲଙ୍କ ଦ୍ୱାରା ପରିଚାଳିତ ହେଉଛି ବୋଲି ଅଭିଯୋଗ ହେଉଛି । ବିଶେଷ କରି ଇନ୍ଦିରା ଆବାସ, ବିଭିନ୍ନ ପ୍ରକାର ଭତ୍ତା, ରାସନ୍ କାର୍ଡ ଏବଂ ପରିବାର ମଙ୍ଗଳ ଯୋଜନାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି । ଯେଉଁ ହିତାଧିକାରୀମାନେ ଦଲାଲଙ୍କୁ ନଧରୁଛନ୍ତି ସେମାନଙ୍କ କାର୍ଯ୍ୟ ସମ୍ପାଦନ ହୋଇପାରୁନାହିଁ । ଏପରିକି ବର୍ଷ ବର୍ଷ ଧରି ସେମାନଙ୍କ ଫାଇଲ୍ ପଡିରହୁଛି । ଏହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମଳିଛି ଚମ୍ପତି ପଂଚାୟତରେ । ଜଣେ ଆଦିବାସୀ ଗରିବ ମହିଳାଙ୍କ ସ୍ୱାମୀ ମରିବାପରେ ୨ ବର୍ଷ ତଳେ ସେ ପରିବାର ମଙ୍ଗଳ ଯୋଜନାରେ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ତାକୁ ଏହି ଯୋଜନାରେ କୌଣସି ଅର୍ଥ ସହାୟତା ମିଳିନାହିଁ । ସେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡି ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି । ସେହିପରି ସାଲେପୁର ବ୍ଲକର ୩୫ଟି ପଂଚାୟତରୁ ଇନ୍ଦିରା ଆବାସ, ଭତ୍ତା, ରାସନ୍ କାର୍ଡ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରାଯାଇ ବ୍ଲକକୁ ଦିଆଯାଉଥିଲେ ମଧ୍ୟ ବ୍ଲକରେ ଥିବା ଦଲାଲମାନେ ଏହାକୁ ମନଇଚ୍ଛା କାଣ୍ଟଛାଣ୍ଟ କରି ପ୍ରକୃତ ହିତାଧିକାରୀଙ୍କ ବାଦ୍ ଦେଉଥିବା ଅଭିଯୋଗ ହେଉଛି । ଅପରପକ୍ଷରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ସାଲେପୁର ବ୍ଲକରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପିସି କାରବାର ହେବ ନାହିଁ ବୋଲି ଚେତାବନୀ ଦେଇଥିବାବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିବା ଅଭିଯୋଗ ହେଉଛି । ସେହିପରି ବହୁ ଯୋଗ୍ୟ ହିତାଧିକାରୀ ସ୍ୱଚ୍ଛ ଭାରତ ମିଶନ୍ ଯୋଜନାରେ ପାଇଖାନା ପାଇଁ ବାରମ୍ବାର ଆବେଦନ କରୁଥିଲେ ମଧ୍ୟ ତାଙ୍କ ଆବେଦନକୁ ଗ୍ରହଣ କରାଯାଉନାହିଁ । ଅପର ପକ୍ଷରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦଲାଲମାନେ ବ୍ଲକ କାର୍ଯ୍ୟାଳୟରେ ଘୂରି ବୁଲୁଛନ୍ତି । କଟକ ଜିଲ୍ଲାପାଳ ହିତାଧିକାରୀମାନେ କିପରି ସରକାରୀ ଯୋଜନାର ସୁଫଳ ପାଇବେ, ସେ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ସ୍କୁଲକୁ ଗୋମାଂସ ଆଣିବା ମହଙ୍ଗା ପଡିଲା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆସାମ ଲଖିମପୁର ଅଂଚଳରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା ସରକାରୀ ସ୍କୁଲର ଜଣେ ମହିଳା ହେଡମାଷ୍ଟରଙ୍କ ବିରୋଧରେ ମାମଲା ରୁଜୁ କରିଛି । ସ୍କୁଲର ଅନ୍ୟ ହିନ୍ଦୁ ଶିକ୍ଷକ ଶିକ୍ଷୟତ୍ରୀ ତାଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ଅଭିଯୋଗ ଅନୁସାରେ ମାମଲା ରୁଜୁ କରିଛି ପୋଲିସ ସୂଚନା ଅନୁସାରେ ହେଡମାଷ୍ଟର ନିଜ ଲଂଚ – ବକ୍ସରେ ବିଫ ବା ଗୋମାଂସ ଆଣୁଥିବା ଜାଣିବାକୁ ପାଇଥିଲେ ଅନ୍ୟ ଷ୍ଟାଫ ସେମାନେ ତାଙ୍କୁ ବିରୋଧ କରିବାକୁ ମଧ୍ୟ ଚେଷ୍ଟା କରିଥିଲେ । ଏହାପରେ ଷ୍ଟାଫମାନେ ତାଙ୍କ ବିରୋଧରେ ଲଖିମପୁର ପୋଲିସ ଷ୍ଟେସନରେ ମାମଲା ରୁଜୁ କରାଯାଇଛନ୍ତି । ଅଭିଯୋଗ ଅନୁସାରେ ମାମଲା ରୁଜୁ କରି ମହିଳା ହେଡମାଷ୍ଟରଙ୍କୁ ପଚରାଉଚରା କରିବା ପାଇଁ ଥାନାକୁ ଆଣିଛି ପୋଲିସ । ମହିଳାଙ୍କ ବିରୋଧରେ ଆଇପିସି ଧାରା ୧୫୩ ଏ(ଧର୍ମ , ଜାତି , ଜନ୍ମସ୍ଥାନ, ନିବାସ ଆଧାର ଇତ୍ୟାଦିରେ ଶତ୍ରୁତା ବଢାଇବା) , ୨୯୫ଏ(କୌଣସି ଧର୍ମ କିମ୍ବା ଧାର୍ମିକ ବିଶ୍ୱାସକୁ ଅପମାନ କରି ଧାର୍ମିକ ଭାବନାକୁ ଆହତ କରିବା ପାଇଁ ଜାଣି ଜାଣି କିଛି କାର୍ଯ୍ୟ କରିବା ଭଳି ମାମଲା ରୁଜୁ କରିଛି ।ଏହାପରେ ମହିଳାଙ୍କୁ ସେଶନ କୋର୍ଟରେ ଦାଖଲ କରାଯାଉଛି । ତେବେ ଏଠାରୁ ଶିକ୍ଷୟତ୍ରୀଙ୍କୁ ପୋଲିସ ହେପାଜତକୁ ପଠାଇ ଦିଆଯାଇଛି । ସେପଟେ ସ୍କୁଲ ଷ୍ଟାଫ କହିଛନ୍ତି ଯେ , ଲଂଚ – ବକ୍ସରେ ଆସିଥିବା ଗୋମାଂସକୁ ତାଙ୍କୁ ସର୍ଭ କରିବା ପାଇଁ କୁହାଯାଇଥିଲା ଅନ୍ୟ ଦୁଇ ଜଣ ଶିକ୍ଷକ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ।

## ବର୍ଷାଙ୍କ ସହିତ ଶାରୀରିକ ସଂପର୍କ ନାହିଁ-ଅନୁଭବ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସୋସିଆଲ୍ ମିଡିଆରେ ସାଂସଦ ଅନୁଭବ ମହାନ୍ତିଙ୍କ ଆଉ ଏକ ଭିଡିଓକୁ ନେଇ ଚର୍ଚ୍ଚା । ଦୁଇ ଦିନ ତଳେ ପ୍ରଥମେ ଭିଡିଓରେ ଅନୁଭବ ନିଜ ମନର କ୍ଷୋଭ ପ୍ରକାଶ କରିବା ପରେ ଆଜି ଦ୍ୱିତୀୟ ଭିଡିଓରେ ସିଧାସଳଖ ପତ୍ନୀ ବର୍ଷା ପ୍ରିୟଦର୍ଶିନୀଙ୍କ ନାଁ ନେଇ ତାଙ୍କ ବୈବାହିକ ଜୀବନରେ ଝଡ ସମ୍ପର୍କରେ ମୁହଁ ଖୋଲିଛନ୍ତି ଅନୁଭବ । କହିଛନ୍ତି ୨୦୧୪ରେ ବର୍ଷାଙ୍କୁ ସେ ପ୍ରେମ ବିବାହ କରିଥିଲେ । ତେବେ ବିବାହର ୮ ବର୍ଷ ଯାଏଁ ସେ ସ୍ୱାମୀର ଅଧିକାର ପାଇନଥିଲେ । ପତି-ପତ୍ନୀ ଉଭୟ ଗୋଟିଏ ରୁମ୍‌ରେ ଏକାଠି ରହୁଥିଲେ ମଧ୍ୟ ଏହି ପବିତ୍ର ସମ୍ପର୍କକୁ ବର୍ଷା ତାଙ୍କୁ ବଞ୍ଚିତ କରି ରଖିଥିଲେ । ପତି-ପତ୍ନୀଙ୍କ ମଧ୍ୟରେ ଥିବା ଏହି ପବିତ୍ର ସମ୍ପର୍କରେ ରକ୍ଷା ନ କରିବା ଲାଗି ବର୍ଷା ତାଙ୍କୁ ଆରମ୍ଭରୁ କହିଥିଲେ । ତେବେ ୮ ବର୍ଷ ଧରି ଅପେକ୍ଷା ପରେ ସେ ହିଁ ପ୍ରଥମେ ଦିଲ୍ଲୀ କୋର୍ଟରେ




ଛାଡ଼ପତ୍ର ମାମଲା ଦାଏର କରିଥିଲେ ବୋଲି କହିଛନ୍ତି ଅନୁଭବ । ସେପଟେ ଅନୁଭବଙ୍କ ଏ ଭିଡିଓକୁ ନେଇ ପତ୍ନୀ ବର୍ଷା ପ୍ରିୟଦର୍ଶିନୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ଜଗତସିଂହପୁର ଜିଲ୍ଲାପରିଷଦ ଗଭର୍ଣ୍ଣିଂବଡି ସଦସ୍ୟ ଦେବେନ୍ଦ୍ର ମଲ୍ଲିକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ପରିଷଦ ଗଭର୍ଣ୍ଣିଂବଡି କମିଟିର ନୂତନ ସଦସ୍ୟ ଭାବେ ତିର୍ତ୍ତୋଲ୍ ବ୍ଲକ୍‌ର ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ମଲ୍ଲିକଙ୍କୁ ମନୋନୀତ କରାଯାଇଥିବାକୁ ନେଇ ସମଗ୍ର ଜିଲ୍ଲାରେ ଶୁଭେଚ୍ଛାର ବାର୍ତ୍ତା ସୁଅ ଛୁଟୁଛି । ଶ୍ରୀ ମଲ୍ଲିକ ତିର୍ତ୍ତୋଲ୍ ରାଜନୀତିର ଜଣେ ବରିଷ୍ଠ ଓ ପୁରୁଖା ନେତା ହୋଇଥିବା ବେଳେ ବିଭିନ୍ନ ସମୟରେ ଦଳୀତ ସଂଗଠନର ଜିଲ୍ଲା ଓ ରାଜ୍ୟ ସ୍ତରରେ ରହି ସମାଜ ସେବାରେ ନିଜକୁ ନିୟୋଜିତ କରିବା ସହିତ ଏବେ ମଧ୍ୟ ଜିଲ୍ଲା ଅନୁସୂଚିତ ଜାତି ମନିଟରିଂ କମିଟିରେ ମନୋନୀତ ହୋଇ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ଏଥିସହିତ ଦଳୀତମାନଙ୍କର ଜିଲ୍ଲାସ୍ତରୀୟ ନିର୍ଯ୍ୟାତନା ସମୀକ୍ଷା କମିଟିର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି । ଏହି ଗଭର୍ଣ୍ଣିଂବଡି କମିଟିରେ ନୂତନ ସଦସ୍ୟ ଭାବେ ବିଭିନ୍ନ ବର୍ଗର ବ୍ୟକ୍ତି ଯାହାକି ଜିଲ୍ଲାର ଅଗ୍ରଣୀ ଏନ୍‌ଜିଓ, ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମେତ ସମାଜସେବାରେ ନିୟୋଜିତ ବ୍ୟକ୍ତି ବିଶେଷ ମୋଟ ୬ ଜଣଙ୍କୁ ମନୋନୀତ କରାଯାଇଥିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ଏହା ଜଣାପଡିଛି ।



# ଟାଟା ପାୱାରର ସାଂଘାତିକ ଧୋକାବାଜି !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଜୁଳି ଉପଭୋକ୍ତାଙ୍କ ସହ ସାଂଘାତିକ ଧୋକାଧଡି । ବିଲ୍‌ରେ କାରସାଦି କରି କୋଟି କୋଟି ଲୁଟୁଛି ଟାଟା ପାୱାର । ଯାହାର ଟେର ପାଉନାହାଁନ୍ତି ଉପଭୋକ୍ତା । ତେବେ ଗଣମାଧ୍ୟମ ହାତରେ ଲାଗିଛି ଏହି ଚଞ୍ଚକତାର ଠୋସ୍ ପ୍ରମାଣ । ପ୍ରୋ-ରାଟା ବିଲିଂ କରି ଗ୍ରାହକଙ୍କୁ ଚୂନା ଲଗାଉଛି ବିଦ୍ୟୁତ୍ ବିତରଣ କମ୍ପାନୀ । ପ୍ରୋ-ରାଟା ବିଲିଂ ଅର୍ଥାତ୍ କମ୍ ଦିନରେ ରିଡିଂ ଦେଖି ମାସକର ଆକଳନ କରି ବିଲ୍ ପ୍ରସ୍ତୁତ କରିବା ।

ବିଲ୍ ଦେଖିଲେ ଜଣାପଡୁଛି କେମିତି ଚାଲିଛି କାରସାଦି । ଅଧିକାଂଶ ଉପଭୋକ୍ତାଙ୍କୁ ୩୦ ଦିନ ବଦଳରେ ୨୫ରୁ ୨୭ ଦିନର ବିଲ୍ ଦିଆଯାଉଛି । ଫଳରେ ବର୍ଷକୁ ୧୨ଟି ବଦଳରେ ୧୩ରୁ ୧୪ଟି ବିଲ୍ ଆସୁଛି । ଯାହାଦ୍ୱାରା ଉପଭୋକ୍ତାଙ୍କୁ ଥରେ କିମ୍ବା ୨ ଥର ଅଧିକ ଇଲେକ୍ଟ୍ରି ଫି ବାବଦ ଦେୟ ଦେବାକୁ ପଡୁଛି । ଅନ୍ୟପକ୍ଷରେ ୨୫ ଦିନରେ ବିଲ୍ ହେବା ଦ୍ୱାରା ସ୍ଲାବ୍‌ର ଅନୁପାଳନ ହେଉନି ।

ଭୁବନେଶ୍ୱର ବାସିନ୍ଦା ସୌଭାଗ୍ୟ ଦେଓଙ୍କ ମେ ମାସ ବିଲ୍ ଉପରେ ନଜର ପକାଇଲେ ଜଣାପଡିବ, ପ୍ରଥମ ୫୦ ପରିବର୍ତ୍ତେ ୪୮, ଦ୍ୱିତୀୟ ୧୫୦ ପରିବର୍ତ୍ତେ ୧୪୪ ୟୁନିଟ୍‌ରେ ବିଲ ହିସାବ ହୋଇଛି । ଅର୍ଥାତ୍ ସୌଭାଗ୍ୟଙ୍କୁ ଅଧିକ ୮ ୟୁନିଟ୍ ସର୍ବୋଚ୍ଚ ସ୍ଲାବ୍‌ରେ ଦେବାକୁ ପଡିଛି । ଚୂନ ଲଗାଇଛି ଟାଟା ପାୱାର । ବାଲେଶ୍ୱରର ପ୍ରିୟବ୍ରତ ମହାପାତ୍ରଙ୍କର ବି ଏମିତି ବିଲ୍ କରାଯାଇଛି ।

ଓଇଆର୍‌ସିର ସବୁ ନିୟମକୁ ଫୁ କରି ଏମିତି ହରିଲୁଟ୍ ଚଳାଇଛି ଟାଟା ପାୱାର । ଓଇଆର୍‌ସି କଣ୍ଡିସନ ଅଫ୍ ସପ୍ଲାଏ କୋଡ୍ ୨୦୧୯ର କ୍ଲଜ୍ ୧୪୮ ଅନୁସାରେ, କେବଳ ନୂଆ ସଂଯୋଗ ଓ

**ବିଲ୍‌ରେ କାରସାଦି କରି କୋଟି କୋଟି ଲୁଟ୍**

କନେକ୍ସନ କରିବା ବେଳେ ହିଁ ଉପୋଭୋକ୍ତାଙ୍କୁ ପ୍ରୋ-ରାଟା ବିଲିଂ ଦିଆଯାଏ । ଅନ୍ୟ ଏକ କ୍ଲଜ ଅନୁସାରେ ଆବଶ୍ୟକସ୍ଥଳେ ୩ ଦିନ ଅଧିକ କିମ୍ବା ଆଗରୁ ଅର୍ଥାତ୍ ୨୭ ଦିନ କିମ୍ବା ୩୩ ଦିନରେ ବିଲ୍ ହୋଇପାରେ ।

ତେବେ ରିଡିଂ ମାସକର ହେବା ଜରୁରୀ ତେଣୁ ଟାଟା ପାୱାର ନିୟମର ଖୋଲା ଉଲ୍ଲଙ୍ଘନ କରୁଥିଲେ ମଧ୍ୟ ଓଇଆର୍‌ସି କାହିଁକି ଚୁପ୍ । ତାକୁ ନେଇ ଉଠିଛି ପ୍ରଶ୍ନ । ଟାଟାପାୱାରର ଚଞ୍ଚକତା ବିଷୟରେ ଓଇଆର୍‌ସି ଅବଗତ




ଅଛନ୍ତି ନା ଜାଣିଶୁଣି ଚୁପ୍ ରହିଛନ୍ତି । ରାଜରେ ୯୫ ଲକ୍ଷରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି । ଏମାନଙ୍କ ଭିତରୁ ଯଦି ୫୦ ପ୍ରତିଶତ ବି ଏମିତି ଠକେଇର ଶିକାର ହେଉଥିବେ ତେବେ ଟାଟା ପାୱାର ମାସକୁ ବେଆଇନ୍ ଉପାୟରେ ୧୨ କୋଟିରୁ ଅଧିକ ଆଦାୟ କରୁଛି । ମାତ୍ର ବିଲ୍‌ରେ କୌଣସି ବେଆଇନ୍ କାମ ହେଉ ନଥିବା ଟାଟା ପାୱାର କର୍ତ୍ତୃପକ୍ଷ ଯୁକ୍ତି ରଖିଛନ୍ତି ।

ବିଜୁଳି ବିଲ୍‌ରେ ଚଞ୍ଚକତା, ଅଧିକ ବିଲ୍ ଆସିବା ବିଷୟ ଗତକାଲି ଶକ୍ତି ସମ୍ବନ୍ଧୀୟ ବିଧାନସଭା ଷ୍ଟାଣ୍ଡି କମିଟିରେ ଆଲୋଚନା ହୋଇଥିଲା । ଖୋଦ ଶାସକ ଦଳ ବିଧାୟକମାନେ ଏହି ପ୍ରସଙ୍ଗରେ ଗଭୀର ଉଦବେଗ ପ୍ରକାଶ କରିଥିଲେ । ତେଣୁ ଜିଲ୍ଲାସ୍ତରୀୟ ବିଜୁଳି ଅଦାଲତ କରି ବିଲ୍ ସମସ୍ୟାର ସମାଧାନ ପାଇଁ ଟାଟା ପାୱାରକୁ ଷ୍ଟାଣ୍ଡିଂ କମିଟି ନିର୍ଦ୍ଦେଶ ଦେଇଛି ।

## ଅନାଥ ଶିଶୁଙ୍କୁ ସାହାଯ୍ୟ କରିବା ଆମ ସମସ୍ତଙ୍କ ଦାୟିତ୍ୱ-ବାଚସ୍ପତି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବାଚସ୍ପତି ଡଃ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ସହ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ କ୍ୟାଥେଲିକ୍ ରିଲିଫ୍ ସର୍ଭିସ୍ ଓ ଓଡ଼ିଶାର ସ୍ୱେଚ୍ଛାସେବୀ ସଂଗଠନ 'ଅରୁଣା'ର କର୍ମକର୍ତ୍ତା ସୌଜନ୍ୟ ସାକ୍ଷାତ କରିଛନ୍ତି । ରାଜ୍ୟର ଅନାଥ ଶିଶୁଙ୍କ ଉଜ୍ଜ୍ୱଳ ଗଠନ ଦିଗରେ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଅନାଥ ଶିଶୁଙ୍କୁ ସାଧ୍ୟମତେ ସାହାଯ୍ୟ କରିବା ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ । ସ୍ୱେଚ୍ଛାସେବୀ ସଂଗଠନ ଦ୍ୱୟର ବିବିଧ ଲୋକହିତକାରୀ କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିବା ସହ ଏଭଳି ସାଧୁ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ସରକାର ଅନାଥ ଶିଶୁମାନଙ୍କ ସାମାଜିକ-ଅର୍ଥନୈତିକ ସ୍ଥିରତା, ଉଚ୍ଚଶିକ୍ଷା ଓ ଥଇଥାନ ପାଇଁ 'ଆଶୀର୍ବାଦ' ଯୋଜନା ଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏହାର ପ୍ରଶଂସା କରିବା ସହ ଶିଶୁମାନଙ୍କର ସାମଗ୍ରିକ ବିକାଶ ପାଇଁ ନିଜ ଘର ହେଉଛି ପ୍ରକୃଷ୍ଟ ସ୍ଥାନ କାରଣ ନିଜ ଘରେ ଯେଉଁ ଆତ୍ମୀୟତା ମିଳେ ଅନ୍ୟ କେଉଁଠି ମିଳେ ନାହିଁ ବୋଲି ସେମାନେ ପ୍ରକାଶ କରିଥିଲେ । ମଧୁବାବୁ ପେନ୍‌ସନ୍ ଯୋଜନା ପଞ୍ଚାୟତ ସ୍ତରରେ ଅନାଥ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡିକୁ ଅଧିକ କ୍ରିୟାଶୀଳ ଏବଂ ଆବଶ୍ୟକତା ଅନୁଯାୟୀ ସରକାରଙ୍କ ନୀତିରେ ଯଥାବିଧି ପରିବର୍ତ୍ତନ ଅଣାଯାଇପାରିଲେ ଶିଶୁମାନେ ଅଧିକ ଉପକୃତ ହୁଅନ୍ତେ ବୋଲି ସେମାନେ ପ୍ରକାଶ କରିଛନ୍ତି । ବାଚସ୍ପତିଙ୍କ ସହ ଆଗାମୀ ସାକ୍ଷାତକାରରେ ସଂଗଠନ ପକ୍ଷରୁ ପାୱାର



ପଏଣ୍ଟ ପ୍ରେଜେଣ୍ଟେସନ୍ ଜରିଆରେ ରାଜ୍ୟର ଅନାଥ ଶିଶୁଙ୍କ ସଂପର୍କିତ ସବିଶେଷ ତଥ୍ୟ ପ୍ରଦାନ କରାଯିବ । ବିଧାନସଭା ନିର୍ଦ୍ଦେଶକ(ଗବେଷଣା) କୃପାସିନ୍ଧୁ ମିଶ୍ର, କ୍ୟାଥୋଲିକ୍ ରିଲିଫ୍ ସର୍ଭିସ୍ ପକ୍ଷରୁ ଜି. ସେନ୍ଥିଲ୍ କୁମାର ଜୋମି ଯୋଶେଫ୍, 'ଅରଣା'ର ଲୋକନାଥ ମିଶ୍ର ମନୋରଞ୍ଜନ ଦାସ, ନିବେଦିତା ଗୁହା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କୁଜଙ୍ଗ ବିଡିଓ ନାଁରେ ମକୋଦ୍ଦମା

**କୁଜଙ୍ଗ(ସଂପର୍କବାର୍ତ୍ତା):-** କୁଜଙ୍ଗ ବ୍ଲକ୍ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ପାରାଦ୍ୱୀପଗଡ ସରପଞ୍ଚ ସସ୍ମିତା ବେହେରାଙ୍କ ନାମରେ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଛି । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ୍ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିବା ଜଣାପଡିଛି । ଆଇପିସି ଦଫା ୪୬୫, ୪୬୬, ୪୭୧, ୧୭୧(ଜି) ଏବଂ ୭୪ରେ କାଗଜପତ୍ର ଜାଲିଆତି ଭଳି ସଂଗୀନ ଅଭିଯୋଗ ଲାଗିଛି । ସରପଞ୍ଚ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ବେଳେ ସସ୍ମିତା ବେହେରା ତାଙ୍କ ଆପିଡେଭିଡ୍‌ରେ ଦସ୍ତକତ କରିନଥିଲେ । ମିହିର କୁମାର ପାତ୍ର ନାମକ ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ୍‌ବଳରେ ଏହା ଜାଣିବାକୁ ପାଇଥିଲେ । ତେବେ ୨ୟ ଥର ସୂଚନା ମାଗିବା ପରେ ଆପିଡେଭିଡ୍‌ରେ ସରପଞ୍ଚ ପ୍ରାର୍ଥୀ ସସ୍ମିତାଙ୍କ ଦସ୍ତକତ ନଥିବା ଜଣାପଡିଥିଲା । ଏ ନେଇ କୁଜଙ୍ଗ ପୋଲିସ୍‌ର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# କିଲ୍ଲା ପଡିଆରେ ଜାତୀୟ ଆଦିବାସୀ ମେଳା

**କଟକ(ସଂପର୍କବାର୍ତ୍ତା):-** ସପରିଚୟ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ବାରବାଟୀ ଷ୍ଟାଡିୟମ୍ ସମ୍ମୁଖ କିଲ୍ଲା ପଡିଆରେ ଜାତୀୟ ଆଦିବାସୀ ମେଳା ଶୁକ୍ରବାର ସଂଧ୍ୟାରେ ଉଦ୍‌ଘାଟିତ ହୋଇଛି । କଟକ ସହରରେ ଆଦିବାସୀ ମେଳା ପ୍ରଥମଥର ପାଇଁ ଆୟୋଜିତ ହେଉଥିବାରୁ ପ୍ରଥମ ଦିନ ବି ସହରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିଲା । ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମେଳାକୁ ଉଦ୍‌ଘାଟନ କରି ସଂସ୍କୃତି ନଗରୀ କଟକରେ ଏଭଳି ମେଳା ପ୍ରତିବର୍ଷ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଏଥିପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଓ ସମର୍ଥନ ପାଇଁ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମେୟର ସୁବାସ ସିଂହ, ଜାତୀୟ ଆଦିବାସୀ ମେଳାକୁ ପୂର୍ଣ୍ଣ ସମର୍ଥନ କରିବାକୁ କଟକବାସୀଙ୍କୁ ଆହ୍ୱାନ ଦେଇଥିବା ବେଳେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଏହି ମେଳାକୁ ଆହୁରି ବ୍ୟାପକ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଓଡିଶା ଅଲମ୍ପିକ୍ ଆସୋସିଏସନ୍ ସଂପାଦକ ଆଶୀର୍ବାଦ ବେହେରା, ଡେପୁଟି ମେୟର୍ ଦମୟନ୍ତୀ ମାଝି,

**କଟକରେ ପ୍ରଥମ**

ଓଡିଶା ମୋ ପରିବାର ଜୀବନ ବିନ୍ଦୁ ନଗର ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ, ୧୬ନଂ. ୱାର୍ଡ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ୧୪ ନଂ. ୱାର୍ଡ କର୍ପୋରେଟର ବସନ୍ତ ବେହେରା, କର୍ମଚାରୀ ନେତା ରାଜୀବ ମହାନ୍ତି ପ୍ରମୁଖ କଟକ ସହରରେ ପ୍ରଥମଥର ପାଇଁ ଜାତୀୟ ଆଦିବାସୀ ମେଳା ପଡିଥିବାରୁ ଆୟୋଜକ ସପରିଚୟ ଫାଉଣ୍ଡେସନ୍‌ର କର୍ମକର୍ତ୍ତାଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ସପରିଚୟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୁବାଶିଷ ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉଦ୍‌ଘାଟନ ସମାରୋହ ପରେ କୋରାପୁଟ ଦୂରୁଆ ସଂପ୍ରଦାୟର ଆଦିବାସୀମାନେ ପାରମ୍ପରିକ ଦଳଗତ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ । ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସଦସ୍ୟ ସୁବୀର ପାଲ, ଧୀରେନ୍ ପରିଡା ଓ ଶାଶ୍ୱତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମେଳାରେ ୨୭ଟି ରାଜ୍ୟର ଆଦିବାସୀମାନେ ୧୨୦ଟି ଷ୍ଟଲ୍‌ରେ ସେମାନଙ୍କ ପାରମ୍ପରିକ ଉତ୍ପାଦ୍, ସାଜସଜା ସାମଗ୍ରୀ, ଖାଦ୍ୟ ପଦାର୍ଥ, ଅଳଙ୍କାର ଆଦି ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି । ପ୍ରତିଦିନ ସଂଧ୍ୟାରେ ଓଡିଶା ସମେତ ବିଭିନ୍ନ ରାଜ୍ୟର ଆଦିବାସୀମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିବାର ବ୍ୟବସ୍ଥା ହୋଇଛି । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଆଦିବାସୀ ମେଳା ଚାଲୁ ରହିବ ।

## ଓଡିଶା, ସିକିମ୍, ଝାଡଖଣ୍ଡର ପାରମ୍ପରିକ ଆଦିବାସୀ ଖାଦ୍ୟ

ଜାତୀୟ ଆଦିବାସୀ ମେଳାରେ ତିନିଟି ସ୍ୱତନ୍ତ୍ର ଷ୍ଟଲ୍‌ରେ ପାରମ୍ପରିକ ଆଦିବାସୀ ଖାଦ୍ୟ ଉପଲବ୍ଧ ହେଉଛି । ଏସବୁ ଖାଦ୍ୟର ବୈଶିଷ୍ଟ ହେଉଛି, ଆଦିବାସୀ ଅଂଚଳରେ ଉତ୍ପନ୍ନ ହେଉଥିବା ଜୈବ୍ୟ ଉତ୍ପାଦ (ଅର୍ଗାନିକ ପ୍ରଡକ୍ଟ)କୁ ବ୍ୟବହାର କରି ଆଦିବାସୀ ପ୍ରଣାଳୀରେ ତିଆରି କରାଯାଉଛି । ମେଳାରେ ଓଡିଶାର ସୁନ୍ଦରଗଡ ଜିଲ୍ଲାର ହେମା ଏକ୍କା ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ଥାଗୁଡ଼ ରୁଟି-ଚିକେନ୍ କସା, କାଙ୍ଗୁ ଚାଉଳ ଖିରି, ମାଣ୍ଡିଆ ସୁପ୍, ଚିକେନ୍ ଲିଭର୍ ମସଲା, ବଡ ମାଛ ଫ୍ରାଏ, କଦଳୀ ଟିକା ଆଦି ତିଆରି କରୁଛନ୍ତି । ହେମାଙ୍କ କହିବା ଅନୁସାରେ ଏସବୁ ଖାଦ୍ୟ ସଂପୂର୍ଣ୍ଣ ଆଦିବାସୀଙ୍କ ଜୈବ୍ୟ ଉତ୍ପାଦରୁ ଓ ଆଦିବାସୀ ଶୈଳୀରେ ଆମେ ତିଆରି କରୁଛୁ । ଭୁବନେଶ୍ୱର, ଚଣ୍ଡିଗଡ, ଦିଲ୍ଲୀରେ ଏସବୁ ଖାଦ୍ୟର ଖୁବ୍ ଚାହିଦା ରହିଥିବା ବେଳେ କଟକରେ ପ୍ରଥମଥର ପାଇଁ ପଡୁଥିବାରୁ କଟକବାସୀଙ୍କ ପସନ୍ଦକୁ ଅପେକ୍ଷା କରିଛୁ । ସେହିପରି ସିକିମ୍‌ର ମୋମଡାମିଡ୍ ଲିପ୍‌ତା ଆଦିବାସୀ ସିକିମ୍ ମୋମୋ-ହର୍ବାଲ ଚଟ୍‌ନି, ସେଲ୍ ରୋଟି ଆଦି ପାରମ୍ପରିକ ଆଦିବାସୀ ଖାଦ୍ୟ ଆଣିଛନ୍ତି । ଝାଡଖଣ୍ଡର ସବିତା ସୋରଙ୍ଗ୍ ମଧ୍ୟ ଦୁସ୍କ ପିଠା, ଚଣା ତରକାରୀ, ମାଣ୍ଡିଆ ପିଠା (ଚକୁଳୀ), ଚଲା ରୁଟି ଆଦି ଆଦିବାସୀ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ।

# ଓନୋମାଟୋମାନିଆ

କିଛି ଦିନ ତଳେ ବଲିଉଡ ଅଭିନେତା ନଶିରୁଦ୍ଦିନ ଶାହ ତାଙ୍କର ନିଦ ସହିତ ସଂଘର୍ଷ ବିଷୟରେ ମନ ଖୋଲି କହିଥିଲେ। କାରଣ ସେ ଏକ ପ୍ରକାର ଗମ୍ଭୀର ମାନସିକ ସ୍ଥିତି ଦେଇ ଗତି କରୁଥିଲେ। ସେ ଓନୋମାଟୋମାନିଆର ଶିକାର ହୋଇଥିଲେ। ଏହା ଏପରି ଏକ ମାନସିକ ସମସ୍ୟା ଯେଉଁଥିରେ ବ୍ୟକ୍ତି କୌଣସି ଶବ୍ଦ କିମ୍ବା ବାକ୍ୟକୁ ବାରମ୍ବାର ଦୋହରାଇଥାଏ। ଏମିତିକି ଯେତେବେଳେ ସେ ଶୋଇବାକୁ ଚେଷ୍ଟଶ କରୁଥିଲେ ସେତେବେଳେ ବି ସେ ସେହି ସବୁ ଶବ୍ଦ ଦୋହରାଉଥିଲେ। ହୁଏତ ଆଶ୍ଚର୍ଯ୍ୟ ଲାଗିବ ଯେ ନଶିରୁଦ୍ଦିନ ଶାହଙ୍କ ପରି ଜଣେ ଅସାଧାରଣ ଅଭିନେତା ମଧ୍ୟ ଏହି ପ୍ରକାର ମାନସିକ ସମସ୍ୟାର ଶିକାର କିପରି ହେଲେ ? ତେବେ ଏହି ମାନସିକ ରୋଗ କ'ଣ ? ଏହାକୁ କିପରି ଭଲ କରି ହେବ ? ସେ ବିଷୟରେ ଜାଣିବା।

ମାନସିକ ରୋଗ ବିଶେଷଜ୍ଞଙ୍କ ମତରେ ଓନୋମାଟୋମାନିଆ ଏକ ପ୍ରକାର ମାନସିକ ସମସ୍ୟା। ଏହା କୌଣସି ଗମ୍ଭୀର ରୋଗ ନୁହେଁ। କିନ୍ତୁ ବେଳେ ବେଳେ ଏହା ଗମ୍ଭୀର ମାନସିକ ରୋଗରେ ପରିଣତ ହୋଇପାରେ। ଏହି ରୋଗରେ ପୀଡ଼ିତ ବ୍ୟକ୍ତି ବାରମ୍ବାର କୌଣସି ଶବ୍ଦ ଏବଂ ବାକ୍ୟ ଦୋହରାଇଥାଏ। ବ୍ୟକ୍ତି ସେହି ଶବ୍ଦର ପ୍ରୟୋଗ ନିହାତି ଅନାବଶ୍ୟକ ଭାବେ କରିଥାଏ। ଅର୍ଥାତ୍ କିଛି ଦରକାର ହେଉନଥିଲେ ବି ସେହି ଶବ୍ଦଟିକୁ ବାରମ୍ବାର କହି ଚାଲିଥାଏ। ବ୍ୟକ୍ତି ସେହି ଶବ୍ଦର ପ୍ରୟୋଗ କରିବା ପାଇଁ କିଛି ନା କିଛି ବାହାନା ଖୋଜିଥାଏ। ଯଦି ଶବ୍ଦର ବ୍ୟବହାର କରିପାରେ ନାହିଁ, ତା ହେଲେ ସେ ଚିନ୍ତିତ ହୋଇଯାଏ। ଏହାଦ୍ୱାରା ଚିଡ଼ିଚିଡ଼ାପଣ, ଚିନ୍ତା, ନିଦ ନ ହେବା ପରି ସମସ୍ୟା ଦେଖାଦିଏ। ଓନୋମାଟୋମାନିଆକୁ କିଛି କିଛି ସ୍ଥିତିରେ ମାନସିକ ଏବଂ ସ୍ନାୟୁ ସମ୍ବନ୍ଧୀୟ ରୋଗ ସହିତ ମଧ୍ୟ ଯୋଡ଼ା ଯାଇଥାଏ। ଯେମିତି ଓସିଡ଼ି, ଏପିଲେପ୍ସି ଏବଂ ସ୍କିଜୋଫ୍ରେନିଆ। ଅଧ୍ୟୟନରୁ ଜଣାପଡ଼ିଛି ଯେଉଁ ଲୋକ ସାହିତ୍ୟ, କଳା, ଫିଲ୍ମ କିମ୍ବା କୌଣସି ରଚନାତ୍ମକ କ୍ଷେତ୍ର ସହିତ ଯୋଡ଼ି ହୋଇଥାଆନ୍ତି, ସେମାନଙ୍କୁ ଓନୋମାଟୋମାନିଆ ମାନସିକ ରୋଗ ହେବାର ସମ୍ଭାବନା ଅଧିକ ଥାଏ। କାରଣ ସେମାନେ କୌଣସି ଗୋଟିଏ ଶବ୍ଦ କିମ୍ବା ବାକ୍ୟ ସହିତ ଭାବନାତ୍ମକ ଭାବେ ଜଡ଼ିତ ଥାଆନ୍ତି। ଯାହାକି ପରବର୍ତ୍ତୀ ସମୟରେ ଓନୋମାଟୋମାନିଆରେ ପରିଣତ ହୁଏ। ଯଦି ଏହି ମାନସିକ ସ୍ଥିତି ଆପଣଙ୍କ ଦୈନିକ ଜୀବନରେ ହସ୍ତକ୍ଷେପ କରେ ତାହେଲେ ମାନସିକ ରୋଗବିଶେଷଜ୍ଞଙ୍କର ସାହାଯ୍ୟ ନେଇପାରିବେ। ଏହି ରୋଗର ଚିକିତ୍ସା ପାଇଁ ମାନସିକ ରୋଗ ଚିକିତ୍ସକମାନେ କଗନିଟିଭ ଥେରାପିର ଉପଯୋଗ କରିଥାନ୍ତି। କାରଣ ଓନୋମାଟୋମାନିଆ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ। ଏହି ରୋଗର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ ପାଇଁ ଚିକିତ୍ସା ଠାରୁ ନିଜ ପରିବାର ଲୋକ ଆଖପାଖ ଲୋକଙ୍କର ସହଯୋଗ ଅତ୍ୟନ୍ତ ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ। ଏହି ବ୍ୟକ୍ତିମାନଙ୍କ ପାଇଁ ଏକ ଭଲ ରୁଟିନଟିଏ ତିଆରି କରନ୍ତୁ। ଲୋକଟି କିପରି ପରିବାର ଲୋକଙ୍କ ସହିତ ହସ ଖୁସିରେ ଅତିବାହିତ କରିବ ତାକୁ ଚିନ୍ତା କରନ୍ତୁ। ତାଙ୍କ ସହ ଅନାବଶ୍ୟକ ଗପ ଗପିବା ଅପେକ୍ଷା କିଛି କିଛି ଭଲକଥା, ତାଙ୍କ କର୍ମମୟ ଜୀବନର ସଫଳତାର କଥା, ପାରିବାରିକ ସମସ୍ୟାର କଥା ଓ ଆଧ୍ୟାତ୍ମିକ ଆଲୋଚନା କରନ୍ତୁ। ଲୋକଟି ଯେପରି ସୁଷମ ଖାଦ୍ୟ ପାଇବ ଓ ତା ନିତିଦିନିଆ ଦିନଚର୍ଯ୍ୟାଟି ଭିତରେ ବିଶ୍ରାମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ତାଙ୍କୁ ଦୂରେଇ ରଖିବାର ଦାୟିତ୍ୱ ନିଅନ୍ତୁ। ତାଙ୍କୁ କୌଣସି ଅଭାବ, ଅସୁବିଧା, ଘଟଣ ଅଘଟଣ ବା କାହାଙ୍କର କୌଣସି ସମସ୍ୟା ଜନିତ କଥା ଆଲୋଚନା କରନ୍ତୁନାହିଁ। ତାଙ୍କୁ ସବୁବେଳେ ଧୈର୍ଯ୍ୟ, ଆଶ୍ୱାସନା, ସମର୍ଥନ ଓ ସମବେଦନା ଦିଅନ୍ତୁ। ସେ ପୂର୍ଣ୍ଣ ଭାବରେ ବା ଆଂଶିକ ମାତ୍ରାରେ ଜଣେ ମାନସିକ ରୋଗୀ ବୋଲି ତାଙ୍କୁ ଜଣାନ୍ତୁ ନାହିଁ। ସେ ଚାହୁଁଥିବା କୌଣସି ଆତ୍ମ ପରିଜନ ବା ବନ୍ଧୁବାନ୍ଧବଙ୍କ ସହ ତାଙ୍କର କଥା କରାଇ ଦିଅନ୍ତୁ। ଲେଖାଲେଖି କରିବାକୁ ଚାହୁଁଥିଲେ ସେ ଲେଖନ୍ତୁ, ଖବର କାଗଜ, ଦୂରଦର୍ଶନ ବା ସୋସିଆଲ ମିଡ଼ିଆରେ ବ୍ୟସ୍ତ ହେବା ପାଇଁ ଚାହୁଁଥିଲେ ତାଙ୍କୁ ସେ ସୁଯୋଗ ଦିଅନ୍ତୁ। କିନ୍ତୁ ଏ ସବୁ ଭିତରେ ଆପଣ ଚିକିତ୍ସା କରୁଥିବା ମାନସିକ ରୋଗ ବିଶେଷଜ୍ଞଙ୍କ ସହ ନିୟମିତ ଯୋଗାଯୋଗରେ ରୁହନ୍ତୁ। ଯୋଗ, ପ୍ରାଣାୟମ ବା ମର୍ଣ୍ଣିଂ ୱାର୍କ ଖୁବ ଭଲ। ତାଙ୍କୁ ଏପରି ଏକ ଘରେ ରଖନ୍ତୁ ଯେଉଁଠି ମୁକ୍ତ ପବନ ଆତଯାତ ହେଉଥିବ ଓ ସାମାନ୍ୟ ଖରା ମଧ୍ୟ ଘରେ ପଡୁଥିବ। ତାଙ୍କ ସାମ୍ନାରେ କୌଣସି ହିଂସ୍ର, ଉତ୍ତେଜିତ ଫଟୋ ବା ଏହି ଘଟଣାକୁ ନେଇ କୌଣସି ଚଳଚ୍ଚିତ୍ର ବା କଥାବାର୍ତ୍ତା ଆଲୋଚନା ରଖନ୍ତୁ ନାହିଁ। ତଟକା ପନିପରିବ, ଫଳ ଖୁବ ଭଲ। ସେ ଇଚ୍ଛା କରୁଥିଲେ ଆମିଷ ଖାଇବାକୁ ଦିଅନ୍ତୁ ମନା ନାହିଁ। ସନ୍ଧ୍ୟାବେଳେ ଖେଳିବାକୁ ଚାହୁଁଥିଲେ ବା କୌଣସି ଶାରୀରିକ ବ୍ୟାୟାମ କରିବାକୁ ଚାହୁଁଥିଲେ ତାଙ୍କୁ ସେ ସୁଯୋଗ ଦିଅନ୍ତୁ। ମଠ ମନ୍ଦିର ବୁଲିଯିବା ପାଇଁ ଇଛା ରଖୁଥିଲେ ଖୁବ ଭଲ କଥା। ଆପଣ ମାନଙ୍କ ସହଯୋଗ ହିଁ ଏହାର ଶିକାର ହୋଇଥିବା ଲୋକଟି ଠାରୁ ଏହି ରୋଗକୁ ନିଶ୍ଚିନ୍ତ ଛଡ଼େଇ ନେଇଯିବ ଏବଂ ସେ ତାଙ୍କ ପୁରୁଣା ଜୀବନକୁ ଫେରି ପାଇବେ।



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ମୋବାଇଲ : ୯୧୩୨୪୩୩୩୩୩

# ପିଲାଏ ସ୍କୁଲକୁ ଫେରନ୍ତୁ

ଗତ ମାଟ୍ରିକ ପରୀକ୍ଷା ବେଳେ ଓଡ଼ିଶାରେ ଏକ ବିଚିତ୍ର ଓ ଅଭାବନୀୟ ପରିସ୍ଥିତି ଦେଖାଦେଇଥିଲା। ହଜାର ହଜାର ପିଲା ମାଟ୍ରିକ ପରୀକ୍ଷା ଦେବା ପାଇଁ ଆବଶ୍ୟକୀୟ ଫର୍ମ ପୂରଣ କରିଥିଲେ ମଧ୍ୟ ସେମାନେ ପରୀକ୍ଷାରେ ବସିନଥିଲେ। ସେହିପରି ପରବର୍ତ୍ତୀ ସମୟରେ ନବମ ଶ୍ରେଣୀରେ ମଧ୍ୟ କିଛି ପିଲାଏ ଫର୍ମ ପୂରଣ କରିଥିଲେ ମଧ୍ୟ ପରୀକ୍ଷାକୁ ଆସିନଥିଲେ। ଏପରି ବିଚିତ୍ର ଓ ବେଢ଼ଙ୍ଗ ଘଟଣା କ'ଣ ପାଇଁ ଘଟିଲା ? ତାକୁ ନେଇ ଶିକ୍ଷା ବିଭାଗ, ସରକାର, ପ୍ରଶାସନ କିଛି ଦିନ ଘଣ୍ଟାଚକଟା କଲେ, ପରସ୍ପର ପରସ୍ପର ଉପରେ ଦୋଷ ଲଦିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଉତ୍ତର ଦେଲେ ଯେ କିଛି ପିଲା ଫର୍ମ ପୂରଣ କରିବା ପରେ ଦାଦନ ଖଟିବାକୁ ଚାଲିଗଲେ, ଆଉ କିଛି ପିଲା ସେମାନେ ବାହାସାହା ହୋଇ ଘର ସଂସାର କରିଗଲେ। ଯଦିଓ ଏହି ଉତ୍ତର ଗୁଡ଼ିକ ନିଜକୁ ରକ୍ଷା କରିବା ପରି କିନ୍ତୁ ବାସ୍ତବ ଉତ୍ତର ସେଇଆ ନୁହେଁ। ଅଭିଯୋଗ ବି ଉଠିଲା ଯେ ପିଲାଙ୍କ ନାମରେ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜେ ଫର୍ମ ପୂରଣ କରି ନିଜର ବିଦ୍ୟାଳୟ କର୍ମଚାରୀଙ୍କ ମୋବାଇଲ ନମ୍ବର ସବୁ ପକାଇଦେଲେ। ସେହିପରି ଶହ ଶହ ପିଲାଙ୍କ ନାମ ମାଟ୍ରିକ ଫର୍ମ ପୂରଣ କରିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାମାନଙ୍କ ନାମରେ ଆସୁଥିବା ଖାଇବା ଠାରୁ ବିଭିନ୍ନ ଅନ୍ୟାନ୍ୟ ସହାୟତାକୁ ଆତ୍ମସାତ୍ କରିବାର ଯୋଜନାରେ ମଧ୍ୟ ଥିଲେ ଏବଂ ବୋର୍ଡ଼ କର୍ତ୍ତୃପକ୍ଷ ପିଲାମାନଙ୍କ ଫର୍ମ ପୂରଣ, ପ୍ରଶ୍ନପତ୍ର, ଉତ୍ତର ପତ୍ର ତିଆରି କରିବାରେ ଖର୍ଚ୍ଚ କରିଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିଲା। ପରୀକ୍ଷା ପ୍ରତିଟି ଛାତ୍ରଛାତ୍ରୀଙ୍କ ପାଇଁ ଜୀବନର ଓ ପାଠପଢ଼ାର ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ତେବେ ବିଦ୍ୟାଳୟ ପାଠପଢ଼ାରୁ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ଯାହାକି ଦେଶର ଆର୍ଥିକ, ସାମାଜିକ ଓ ଶିକ୍ଷା ନୀତିକୁ ପ୍ରଭାବିତ କରିବାର ବଡ଼ ସମ୍ଭାବନା ମଧ୍ୟ ସୃଷ୍ଟି କରିଛି। ମୂଳକଥା ହେଉଛି ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କର ବଡ଼ କାରଣ ହେଉଛି ଘରକାମ, ଆର୍ଥିକ ଦୂରାବସ୍ଥା ଓ ପାଠ ପ୍ରତି ଅନାଗ୍ରହ। ସରକାର ପିଲାଙ୍କୁ ବିଦ୍ୟାଳୟକୁ ଆସିବା ପାଇଁ ମଧ୍ୟାହ୍ନ ଭୋଜନ ଠାରୁ ଡ୍ରେସ ପତ୍ର, ସାଇକେଲ ଓ ବିଭିନ୍ନ ସାହାଯ୍ୟ ସହଯୋଗ ଦେଉଛନ୍ତି ତଥାପି ଅନେକ ପିଲା ବିଦ୍ୟାଳୟର ପିଣ୍ଡା ମାଡୁନାହାଁନ୍ତି। କରୋନା ସମୟରେ ଦେଖାଯାଉଥିଲା ଅନଲାଇନ ପାଠ ପଢ଼ା ପାଇଁ କେଉଁଠି ପିଲା ଗଛ ଉପରେ ଚଢ଼ିଲେଣି ତ କେଉଁଠି ପାହାଡ଼ ଉପରେ। ନେଟୱାର୍କ ନଥିବାକୁ କେଉଁଠି ଅଭାବୀ ବାପା-ମାଆ ସୁନାଗହଣା, ଗୋରୁଗାଈଙ୍କୁ ବିକି ବଡ଼ କଷ୍ଟରେ ମୋବାଇଲଟିଏ ଦେଉଥିଲେ। ଡ୍ରପଆଉଟ ହାର ଦେଶର ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବ ନିଶ୍ଚୟ। କାରଣ ଶିକ୍ଷା ହେଉଛି ଜୀବନର ଉନ୍ନତିର ବଡ଼ ଅବଲମ୍ବନ। ଶିକ୍ଷା ବିନା ଜଣେ କିଛି ବି ଜାଣିପାରିବ ନାହିଁ।

ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଜାରି ହୋଇଥିବା ରିପୋର୍ଟରେ ଭାରତରେ ସ୍କୁଲରେ ପାଠ ପଢୁଥିବା ସମୟରେ ପାଖାପାଖି ୧୨.୬% ପିଲା ଅଧାରୁ ପାଠ ଛାଡ଼ିଥାନ୍ତି। ସେକେଣ୍ଡାରୀ ଲେଭଲରେ ଏହି ହାର ୧୯.୮% ଥିଲାବେଳେ ଅପର ପ୍ରାଇମେରୀ ଲେଭଲରେ ଏହା ୧୭.୫% ରହିଛି। ସରକାରଙ୍କ ସମସ୍ତଙ୍କୁ ଶିକ୍ଷା ଅଧିକାର ଆଇନ ଏବଂ ଜାତୀୟ ଶିକ୍ଷାନୀତି ସ୍କୁଲ ଶିକ୍ଷାକୁ ଅଧିକ ପ୍ରୋତ୍ସାହନ ଦେଉଥିଲେ ମଧ୍ୟ ଅଧାରୁ ପାଠ ଛାଡ଼ିବା ଶିକ୍ଷା ବ୍ୟବସ୍ଥା ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରେ। ଡ୍ରପଆଉଟ କ୍ଷେତ୍ରରେ ଓଡ଼ିଶା ମଧ୍ୟ ପଛରେ ପଡ଼ିନାହିଁ। ନିକଟରେ ନବମ ଶ୍ରେଣୀରେ ୧୪,୯୩୫ ଜଣ ଛାତ୍ରଛାତ୍ରୀ ଫର୍ମ ଫିଲପ କରି ପରୀକ୍ଷା ନ ଦେବା ଶିକ୍ଷା ବିଭାଗ ଓ ସରକାରଙ୍କୁ ଚିନ୍ତାରେ ପକାଇଛି। ଏହା ସତ ଯେ କରୋନା କାଳରେ ଯେଉଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲା, ସେହି କାରଣରୁ ଅନେକ ପିଲା ବହିବସ୍ତାନୀରେ ଡୋରି ବାନ୍ଧିବାକୁ ବାଧ ହୋଇଥିଲେ। ସେହିପରି ମାଟ୍ରିକ ପରୀକ୍ଷାରେ ମଧ୍ୟ ଅନେକ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନାହାଁନ୍ତି। ୨୦୨୦-୨୧ରେ ରାଜ୍ୟରେ ୪୯,୦୯୮ ଜଣ ମାଧ୍ୟମିକ ସ୍ତରରେ ଅଧାରୁ ପାଠ ଛାଡ଼ି ଚାଲିଯାଇଛନ୍ତି। ଆଉ ଉଦ୍‌ବେଗର ବିଷୟ ଡ୍ରପଆଉଟ ହାର ବୃଦ୍ଧି ପଛରେ ସର୍ବାଧିକ ଅଛନ୍ତି ଆଦିବାସୀ ଓ ଅନୁସୂଚୀତ ଜାତି ବର୍ଗର ଛାତ୍ରଛାତ୍ରୀ। ରିପୋର୍ଟ ଅନୁସାରେ ଦେଶରେ ଅଧାରୁ ପାଠ ଛାଡୁଥିବା ଛାତ୍ରୀଙ୍କ ମଧ୍ୟରୁ ୩୦%ରୁ ଅଧିକ ଘରୋଇ କାମରେ ମା'ଙ୍କୁ ଏବଂ ପରିବାରଙ୍କୁ ସହଯୋଗ ପାଇଁ ପାଠରେ ଡୋରି ବାନ୍ଧିଛନ୍ତି। ପାଖାପାଖି ୩୭% ଛାତ୍ର ପରିବାରର ଆର୍ଥିକ ସ୍ଥିତିରେ ସହଯୋଗ ପାଇଁ ସ୍କୁଲ ଠାରୁ ଦୂରେଇ ଯାଉଛନ୍ତି। ସରକାର ଗୋଟିଏ ସ୍ଲୋଗାନ ଦେଉଛନ୍ତି 'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ'। ହେଲେ କିଏ ପଢୁଛି, କିଏ ବଢୁଛି ତାହା ମାଆ ଗଙ୍ଗେଇକୁ ଜଣା। 'ମାର ମାର ଭଣ୍ଡାରିଆକୁ ମାର' ନୀତିରେ ଫର୍ମ ପୂରଣ କରି ପରୀକ୍ଷା ଦେଇ ନଥିବା ପିଲାଙ୍କ ପାଇଁ କିଛି ଦୃଷ୍ଟାନ୍ତମୂଳକ ବଡ଼ ବଡ଼ିଆଙ୍କ ପାଇଁ କରାଯିବନାହିଁ। କେବଳ ଜାଲରେ ଫସିବେ ତଳିଆ ପିଅନ, କିରାଣୀ। ପିଲାଏ କାହିଁକି ବିଦ୍ୟାଳୟକୁ ଆସୁନାହାଁନ୍ତି ଘର ଘର ବୁଲି ପ୍ରଶାସନ ଏକ ଯୋଜନା ହାତକୁ ନେଉ। ମେଧାବୀ ଆର୍ଥିକ ପଛୁଆ ପିଲାମାନଙ୍କୁ ବିଦ୍ୟାଳୟକୁ ଅଣାଯିବା ସହ ସେମାନଙ୍କର ଶିକ୍ଷା ଓ ଆନୁସଙ୍ଗିକ ଖର୍ଚ୍ଚ ଦାୟିତ୍ୱ ସରକାର ନିଅନ୍ତୁ। ଜରାବ୍ୟାଧିରେ ପୀଡ଼ିତ ଏବଂ ଶଯ୍ୟାଶାୟୀ ରୋଗଗ୍ରସ୍ତ ପରିବାରର ପିଲା ବା ପିତୃମାତୃହୀନ ପିଲାମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ସହାୟତା ନୀତି ଘୋଷଣା କରନ୍ତୁ। ତାହାହେଲେ ଯଥାର୍ଥରେ ବୁଝାଯିବ ବାସ୍ତବରେ ସମସ୍ତେ ପଢ଼ିବେ ଆଉ ସମସ୍ତେ ବଢ଼ିବେ।



ତ୍ରିନାଥ ଓଝା
ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର
ଗଡ଼ା, କଟକ,
ଦୂରଭାଷ :୯୨୩୮୬୦୨୮୨୫

# ବିଜୁଳି କାଟ ପାଇଁ ପ୍ରତିକାର କାହିଁ ?

ଓଡ଼ିଶାରେ ଏପ୍ରିଲ ମାସରେ ଝାଞ୍ଜି ପ୍ରବାହ ଏକ ଅସ୍ୱାଭାବିକ ଘଟଣା। ଚଳିତ ବର୍ଷ ଏପ୍ରିଲ ମଧ୍ୟଭାଗରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇ ଏବେ ଝାଞ୍ଜି ପବନ ଆରମ୍ଭ ହୋଇଯାଇଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶା ପ୍ରଚଣ୍ଡ ଖରା ତାତିରେ ସିଝିବା ପରେ ଏବେ ଉପକୂଳ ଓଡ଼ିଶାରେ ତାତି ଅନୁଭବ ହେଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ଅଧିକାଂଶ ଅଞ୍ଚଳର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି ଏବଂ ସୋମବାରରୁ ଏହା ଦୁଇତିନି ଦିନ ଧରି ଆହୁରି ଅସହ୍ୟ ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇ ଦେଇଛି। ସୁତରାଂ ଜନଜୀବନ ଉପରେ ଏହାର ଗୁରୁତର ପ୍ରଭାବ ପଡୁଛି। ଏଭଳି ସ୍ଥିତିରେ କଂକ୍ରିଟ ଜଙ୍ଗଲରେ ପରିପୂର୍ଣ୍ଣ ସହରାଞ୍ଚଳ ଗୁଡ଼ିକର ଜନଜୀବନ ଅସ୍ୱାଭାବିକ ହୋଇପଡ଼ିଥିବା ବେଳେ ଏହା ଉପରେ ପୁଣି ବିଜୁଳି କାଟ ଓ ଲୋ ଭୋଲଟେଜ ସମସ୍ୟା ସହରୀ ଜୀବନକୁ ଦୁର୍ବିସହ କରିଦେଇଛି। ପାଣିପାଗର ଏହି ଅସ୍ୱାଭାବିକତାର ଏକ ନିର୍ଦ୍ଦିଷ୍ଟ କାରଣ ରହିଛି, ଯାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏପ୍ରିଲ ମାସରେ ଯେଉଁ ଖରାଦିନିଆ ବର୍ଷା ଓ କାଳବୈଶାଖୀ ହୁଏ, ଏ ବର୍ଷ ତାହା ଏ ପର୍ଯ୍ୟନ୍ତ ଦେଖାଯାଇନାହିଁ। ଆହୁରି ମଧ୍ୟ ଦକ୍ଷିଣ ଦିଗରୁ ରାଜ୍ୟକୁ ଆସୁଥିବା ସାମୁଦ୍ରିକ ଶୀତଳ ପବନ ପ୍ରବାହ ମଧ୍ୟ କେତେକ ପ୍ରାକୃତିକ କାରଣରୁ ଦୁର୍ବଳ ହୋଇପଡ଼ିଛି। ତେଣୁ ତାପମାତ୍ରା ବଢ଼ିବାରେ ଲାଗିଛି। ଏଥିସହିତ ପଶ୍ଚିମା ଉତ୍ତପ୍ତ ବାୟୁର ଆଗୁଆ ପ୍ରବାହ ଓଡ଼ିଶାକୁ ଏକ ତତଲା କଡ଼େଇରେ ପରିଣତ କରିଛି। ଏକେତ ବିଶ୍ୱ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓଡ଼ିଶା ଉପରେ ପଡୁଛି। ପ୍ରାକୃତିକ ପରିବେଶର ଅବକ୍ଷୟ ମଧ୍ୟ ପରିସ୍ଥିତିକୁ ଆହୁରି ଜଟିଳ କରିବାରେ ଲାଗିଛି। ତେଣୁ ନିକଟ ଭବିଷ୍ୟତରେ ବର୍ଷା ନ ହେଲେ ମେ ମାସ ବେଳକୁ ଅବସ୍ଥା ସାଂଘାତିକ ହୋଇପାରେ। ପ୍ରାୟ ଦୁଇଦଶନ୍ଧି ତଳର ଅଂଶୁଘାତ ମୃତ୍ୟୁ ବିଭୀଷିକା ଓଡ଼ିଶାବାସୀ ଭୁଲି ନାହାନ୍ତି। ସେଥର ମଧ୍ୟ ଖରାଦିନେ ବର୍ଷା ଆଦୌ ନ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

ତାପମାତ ଏକ ସ୍ଥାନୀୟ ଘଟଣା। ଏହା ସ୍ଥଳବିଶେଷରେ କେତେକ ସ୍ଥାନରେ ଅଧିକ ଆଉ କେତେକ ସ୍ଥାନରେ କମ ଅନୁଭୂତ ହୁଏ। ଏବେ କିନ୍ତୁ ସମଗ୍ର ଓଡ଼ିଶାରେ ଅତ୍ୟଧିକ ତାତି ଓ ଝାଞ୍ଜି ଅନୁଭୂତ ହେବା ଆମ ଜଳବାୟୁ ଓ ପାଣିପାଗ ବିଶେଷଜ୍ଞଙ୍କୁ ଚିନ୍ତାରେ ପକାଇଛି। ଏଭଳି ଅସ୍ୱାଭାବିକ ଘଟଣା ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି ଓ ପ୍ରୟାସକୁ ତତ୍ପର କରିବ ବୋଲି ଆଶା। ତାପମାତ୍ରା ବୃଦ୍ଧି ସହିତ ଆଉ ଏକ ସମସ୍ୟା ହେଲା ସରକାରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଏବେ ରାଜ୍ୟର ଅନେକ ଅଞ୍ଚଳରେ ଜଳକଷ୍ଟ ଉତ୍କଟ ହୋଇଛି। ଅନେକ ସ୍ଥାନରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପମାନ ସମ୍ପୂର୍ଣ୍ଣ ହୋଇ ନଥିବା ବେଳେ ଆଉ କେଉଁଠି ବିଜୁଳି ବିଭ୍ରାଟ ଯୋଗୁଁ ଜଳଯୋଗାଣ ବ୍ୟାହତ ହେଉଥିବାର ଖବର ମିଳୁଛି। ଉଭୟ ଗ୍ରାମ ଓ ସହରାଞ୍ଚଳରେ ସମାନ ସମସ୍ୟା ଦେଖାଦେଇଛି। ଆଶା କରିବା, ଜିଲ୍ଲା ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେଇ ଲୋକଙ୍କୁ ପିଇବା ପାଣି ଆବଶ୍ୟକ ମୁତାବକ ଯୋଗାଇବେ। ଅବଶ୍ୟ ପ୍ରାକୃତିକ ଜଳାଶୟ, ଜଳ ଉତ୍ସ ଆଦି ଶୁଖି ଯିବାରୁ ସମସ୍ୟା ଗୁରୁତର ହେଉଛି। ତଥାପି ସ୍ୱତନ୍ତ୍ର ପଦକ୍ଷେପ ଜରିଆରେ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ପ୍ରଶାସନକୁ ଆଶୁ ପଦକ୍ଷେପ ନେବାକୁ ପଡ଼ିବ। ରାଜ୍ୟରେ ଗ୍ରୀଷ୍ମ ଲହରି ଆରମ୍ଭ ହୋଇଯାଇଥିବାରୁ ଏଭଳି ସମୟରେ ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନକୁ ଖୋଲା ରଖି ପାଠପଢ଼ା ଚାଲୁ ରଖିବା କେତେ ଦୂର ଯୁକ୍ତିଯୁକ୍ତ ତା ଉପରେ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଅଭିଭାବକ ମହଲରୁ ପ୍ରଶ୍ନ ଉଠିଛି। ଏ ଦିଗରେ ଗଣଶିକ୍ଷା ବିଭାଗ ଗୁରୁତ୍ୱ ସହ ଚିନ୍ତା କରୁଥିବା ଜଣାପଡୁଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଖରାଛୁଟି ସମୟ ପରିବର୍ତ୍ତନ ହୋଇପାରେ ବୋଲି ମଧ୍ୟ ସୂଚନା ମିଳିଛି। କାରଣ ପରିସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ସବୁସ୍ତରରେ ପୂର୍ବପ୍ରସ୍ତୁତି ନିହାତି ଆବଶ୍ୟକ। ଏହି ପ୍ରଚଣ୍ଡ ଗ୍ରୀଷ୍ମରେ ବିଜୁଳିର ଗୁରୁତ୍ୱ କେତେ ଅଧିକ ତାହା କହିବା ନିଷ୍ପ୍ରୟୋଜନ। ବିଡ଼ମ୍ବନା ହେଉଛି ରାଜ୍ୟର ବିଦ୍ୟୁତ ଆବଣ୍ଟନକାରୀ କମ୍ପାନୀ ଓ କର୍ତ୍ତୃପକ୍ଷ ଘୋଷିତ ବିଜୁଳି କାଟ ଆରମ୍ଭ କରିଦେଇଛନ୍ତି। ଅନେକ ସ୍ଥାନରେ ଦୀର୍ଘ ସମୟ ଧରି ଅଘୋଷିତ ବିଜୁଳି କାଟ ହେଉଥିବା ଅଭିଯୋଗମାନ ମଧ୍ୟ ଆସୁଛି। ଯେଉଁ ସମୟତକ ବିଜୁଳି ମିଳୁଛି ତାହା ମଧ୍ୟ ଅତ୍ୟନ୍ତ ନିମ୍ନମାନର। ସେଥିରେ ଲୋ ଭୋଲଟେଜ ସମସ୍ୟା ରହୁଛି। ବିଦ୍ୟୁତ କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି ଯେ ଚାହିଦା ମୁତାବକ ବିଜୁଳି ଉତ୍ପାଦିତ ହେଉ ନଥିବାରୁ ସେମାନେ ବରାଦ ଅନୁସାରେ ତାହା ପାଉ ନାହାଁନ୍ତି। ତେଣୁ ବିଜୁଳି କାଟ ଓ ଲୋ ଭୋଲଟେଜ ସମସ୍ୟା ରହିବ। ଅବଶ୍ୟ ବର୍ଷା ଅଭାବ ଓ କୋଇଲା ସଙ୍କଟ ଯୋଗୁଁ ରାଜ୍ୟରେ ଉଭୟ ଜଳ ଓ ତାପଜ ବିଦ୍ୟୁତ ଉତ୍ପାଦନ ହ୍ରାସ ପାଇଛି। ଅପରପକ୍ଷରେ ଖରାଦିନେ ବିଜୁଳି ଚାହିଦା ବଢ଼ିଛି। ତେଣୁ ବିଜୁଳି କାଟ କରିବା ଅନୁଚିତ। ଏହା ବ୍ୟାବସାୟିକ ସାଧୁତା ନୁହେଁ। ଚୁକ୍ତି ମୁତାବକ ସେମାନେ ଉପଭୋକ୍ତାଙ୍କୁ ଉତ୍ତମ ମାନର ବିଜୁଳି ନିରନ୍ତର ଯୋଗାଇବାକୁ ବାଧ୍ୟ। ଓଡ଼ିଶା ବିଜୁଳି ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ। ଜାତୀୟ ଗ୍ରୀଡ଼ ଓ ଅନ୍ୟ ରାଜ୍ୟକୁ ବିଜୁଳି ଦିଆଯାଉଥିବାବେଳେ ଓଡ଼ିଶାବାସୀ କାହିଁକି କଷ୍ଟ ଭୋଗିବେ ? ବିଦ୍ୟୁତ ସଂସ୍କାର ପାଇଁ ବିପୁଳ ଅର୍ଥ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ଏଥିରେ ଗ୍ରୀଡ଼ ସଂଯୋଗ, ସରବରାହ ଲାଇନର ରକ୍ଷଣାବେକ୍ଷଣ, ନୂଆ ଟ୍ରାନ୍ସଫର୍ମର ବସାଇବା ଏବଂ ପରିବହନ କ୍ଷତିକୁ ହ୍ରାସ କରିବା ଆଦି ଯୋଜନା ରହିଛି। କିନ୍ତୁ ସମ୍ପୃକ୍ତି ବିତରକ କମ୍ପାନୀମାନେ ଉପଭୋକ୍ତାଙ୍କ ସ୍ୱାର୍ଥପ୍ରତି ଆଖିବୁଜି ଦେଇ ମନଇଛା ବେପାର କରୁଛନ୍ତି। ଜଣେ ଖାଉଟି ଠାରୁ ସମ୍ପୃକ୍ତ କମ୍ପାନୀ ବିଭିନ୍ନ ଶୁଳ୍କ ଆକାରରେ ଏବେ ପାଖାପାଖି ୧୦୦ ଟଙ୍କା ଏବଂ ମିଟର ବାବଦରେ ଚଢ଼ା ଭଡ଼ା ଆଦାୟ କରୁଛନ୍ତି। ଉପଭୋକ୍ତାଙ୍କ ଦାବି ସତ୍ତ୍ୱେ ସେମାନଙ୍କୁ ଅନୁମୋଦିତ ନିଜସ୍ୱ ମିଟର ବ୍ୟବହାର ପାଇଁ ସୁଯୋଗ ଦିଆଯାଉନାହିଁ। ଗୋଟିଏ ବିଜୁଳି ମିଟରର ବଜାର ମୂଲ୍ୟ ସର୍ବାଧିକ ୧୫୦୦ ଟଙ୍କା। ଅଥଚ ବିଜୁଳି ବିତରକ ସଂସ୍ଥା ନିଜସ୍ୱ ପୁରୁଣାକାଳିଆ ମିଟର ଦେଇ ବର୍ଷ ବର୍ଷ ଧରି ଗ୍ରାହକମାନଙ୍କ ଠାରୁ ମାସିକ ୪୦ ଟଙ୍କା ଲେଖାଏଁ ଭଡ଼ା ଆଦାୟ କରୁଛନ୍ତି। ଏହା ଖାଉଟିଙ୍କୁ ସିଧା ଶୋଷଣ କହିଲେ ଅତ୍ୟୁକ୍ତି ହେବନାହିଁ। ବିଜୁଳିର ଏହି ହୁଗୁଳା ଶାସନରେ ସରକାର ଓ ନିୟାମକ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ପ୍ରତିକାର ବ୍ୟବସ୍ଥା କରିବା ଏକାନ୍ତ ଜରୁରୀ। ତା'ନହେଲେ ଜନଅସନ୍ତୋଷ ତୀବ୍ର ହେବ। ଲୋକେ ଏହି ଅସୁବିଧା ପାଇଁ କମ୍ପାନୀ ଅପେକ୍ଷା ସରକାରଙ୍କୁ ଅଧିକ ଦୋଷ ଦେବେ। ସରକାର ଏଥିପ୍ରତି ସଚେତନ ରୁହନ୍ତୁ।



ସୌର ଚନ୍ଦ୍ର ମହାପାତ୍ର
ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୪୬୬

# 'ପଦ୍ମା ନଦୀର ମାଝି'ର ସ୍ରଷ୍ଟା

ଆଧୁନିକ ବାଙ୍ଗଲା ସାହିତ୍ୟରେ ମାନିକ ବନ୍ଦୋପାଧ୍ୟାୟ ଏକ ସୁପରିଚିତ ନାମ । ସେ ଥିଲେ ଏକାଧାରରେ ଔପନ୍ୟାସିକ, ଗାଳ୍ପିକ, କବି, ନାଟ୍ୟକାର ଓ ପ୍ରାବନ୍ଧିକ । ମାତ୍ର ଅଠଚାଳିଶ ବର୍ଷର ଜୀବନ କାଳରେ ସେ ଛତିଶଟି ଉପନ୍ୟାସ, ଶହେ ସତସ୍ତରିଟି କ୍ଷୁଦ୍ର-ଗଳ୍ପ, ଗୋଟିଏ ନାଟକ, ଗୋଟିଏ ପ୍ରବନ୍ଧ ସଂକଳନ ଓ ଗୁଡ଼ିଏ କବିତା ସୃଷ୍ଟି କରିଥିଲେ । 'ପଦ୍ମା ନଦୀର ମାଝି', 'ପୁତୁଲ ନାଚେର ଇତିକଥା', 'ସହରତଳି', 'ଚତୁଷ୍କୋଣ', 'ଜନନୀ', 'ପେସା', 'ନାଗପାଶ', 'ଚିହ୍ନ', 'ଅହିଂସା' ଓ 'ଦର୍ପଣ' ଆଦିକୁ ତାଙ୍କର ଶ୍ରେଷ୍ଠ କୃତି ଭାବେ ଗ୍ରହଣ କରାଯାଏ । ଏହି ପୁସ୍ତକ ଗୁଡ଼ିକ ବେଷ୍ଟ ସେଲର ମାନ୍ୟତା ପାଇଛି ଏବଂ ଏହା ଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷାରେ ଅନୁବାଦିତ ହୋଇ ଲୋକାଦୃତ ହେବା ସହ ପାଠକ ମାନଙ୍କ ଶ୍ରଦ୍ଧା ଓ ପାଠକୀୟ ଆଦୃତି ପ୍ରାପ୍ତ ହୋଇଛି। ମାନିକଙ୍କ ଶୈଶବ ଦାରିଦ୍ର୍ୟ ମଧ୍ୟରେ କଟିଥିଲେ ହେଁ ସେ ଉଚ୍ଚ ଶିକ୍ଷା ପାଇଥିଲେ । ଗଣିତରେ ସ୍ନାତକ ଉତ୍ତୀର୍ଣ୍ଣ ହୋଇ ସେ ସ୍କୁଲ ଶିକ୍ଷକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ । କେବଳ ଦରମା ଉପରେ ନିର୍ଭରଶୀଳ ଥିବାରୁ ତାଙ୍କର ଆର୍ଥିକ ଅବସ୍ଥା କୌଣସି ସମୟରେ ସଚ୍ଛଳ ହୋଇପାରିନଥିଲା । ଦାରିଦ୍ର୍ୟ ଓ ଅପସ୍ମାର ବ୍ୟାଧି ଯୋଗୁଁ ଖୁବ୍ କମ୍ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସକ୍ରିୟ ସଦସ୍ୟ ଥିଲେ । ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥ ଓ ଶରତଚନ୍ଦ୍ରଙ୍କ ପରି ସେ ବାଙ୍ଗଲା ସାହିତ୍ୟକୁ ଏକ ନବ ଦିଗନ୍ତ ଦେଇଥିଲେ । ତାଙ୍କର ରଚନାମାନ ମାର୍କସ ଓ ଫ୍ରୟେଡୀୟ ଦର୍ଶନ ଦ୍ୱାରା ପ୍ରଭାବିତ ଯଦିଓ ଏହି ଦୁଇ ଦର୍ଶନ ମଧ୍ୟରେ କୌଣସି ସାଧାରଣ ସାମଞ୍ଜସ୍ୟ ନାହିଁ । ପ୍ରେସିଡେନ୍‌ସି କଲେଜରେ ପଢୁଥିବା ବେଳେ ବିଚିତ୍ରା ସାହିତ୍ୟ ପତ୍ରିକାରେ ତାଙ୍କର ପ୍ରଥମ ଗଳ୍ପ ପ୍ରକାଶିତ ହୋଇଥିଲା । ତାଙ୍କର ପୁରା ନାମ ପ୍ରବୋଧ କୁମାର ବନ୍ଦୋପାଧ୍ୟାୟ । ମାନିକ ତାଙ୍କର ଶ୍ରଦ୍ଧା ନାମ । ୧୯୦୮ ମେ ଆଜିର ଦିନରେ ସଂଥାଲ ପରଗନା ଅନ୍ତର୍ଗତ ଦୁମକା (ଆଧୁନିକ ଝାଡ଼ଖଣ୍ଡ)ରେ ସେ ଜନ୍ମ ହୋଇଥିଲେ।

ଡ଼ଃ.ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

# ସନ୍ଥ କବି ଭୀମଭୋଇ

ଭୀମଭୋଇ (୧୮୪୬-୧୮୯୫) ବିଶ୍ୱର ଶ୍ରେଷ୍ଠ ଆଦିବାସୀ କବି। ଏକଧାରରେ ସେ ଥିଲେ କବି, ପଣ୍ଡିତ, ତତ୍ତ୍ୱଦର୍ଶୀ, କର୍ମଯୋଗୀ, ସଂସ୍କାରକ, ବିପ୍ଳବୀ, ଧର୍ମଯାଜକ, ମାନବବାଦୀ ଓ ସାମ୍ୟବାଦୀ ଚିନ୍ତାଧାରାର ମୂର୍ତ୍ତିମନ୍ତ ପ୍ରତୀକ। ତତ୍‌କାଳୀନ ସମାଜରେ ପ୍ରଚଳିତ ଘୃଣ୍ୟ ଜାତିଭେଦ, ଅନ୍ଧବିଶ୍ୱାସ, କୁସଂସ୍କାର ଓ ବ୍ରାହ୍ମଣାଧିପତ୍ୟ କବଳରୁ ସମାଜକୁ ମୁକ୍ତ କରିବା ପାଇଁ ସେ ଥିଲେ ଅଙ୍ଗୀକାରବଦ୍ଧ। ଭୀମଭୋଇ ପ୍ରଥମେ କବି, ଦ୍ୱିତୀୟରେ ସାଧକ-ସଂସ୍କାରକ-ଧର୍ମଯାଜକ, ତୃତୀୟରେ ଗୃହସ୍ଥ ଏବଂ ଚତୁର୍ଥରେ ସନ୍ଥ-ସାଧକ-ବିପ୍ଳବୀ-ବୈରାଗୀ। ସେ ଆଦୌ ଅନ୍ଧ ନଥିଲେ, ବାଲ୍ୟ କାଳରେ କି କିଶୋର ଅବସ୍ଥାରେ ବା ଯୌବନାବସ୍ଥାରେ ଅଥବା ଜୀବନର ଶେଷ ଭାଗରେ। ସେ ବଞ୍ଚିଥିଲେ ମାତ୍ର ପଚାଶ ବର୍ଷ। ଏହି ସମୟ ମଧ୍ୟରେ ରଚନା କରିଥିଲେ ୧୩୨ ଖଣ୍ଡ ପୁସ୍ତକ। ସବୁଯାକ ଥିଲା, ତାଙ୍କର କଣ୍ଠସ୍ଥ। ଯେତେବେଳେ ଯେଉଁ ପୁସ୍ତକର, ଯେଉଁ ଅଧ୍ୟାୟର, ଯେଉଁ ପଦକୁ ବୋଲିବା ପାଇଁ କହିଲେ, ସେ ତତ୍‌କ୍ଷଣାତ ଗାଇ ଦେଉଥିଲେ। ଏହା ଥିଲା ଭୀମଭୋଇଙ୍କର ବୈଶିଷ୍ଟ୍ୟ। ତାଙ୍କ ରଚିତ ସ୍ତୁତି ଚିନ୍ତାମଣିକୁ ମହିମା ଧର୍ମର ବେଦ କହିଲେ ଅତ୍ୟୁକ୍ତି ହେବନାହିଁ। ୧୮୬୨ରେ ସେ ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ସାନ୍ନିଧ୍ୟ ଲାଭ ସହ ଏହି ଧର୍ମରେ ଦୀକ୍ଷିତ ହୋଇଥିଲେ। ସେତେବେଳେ ତାଙ୍କୁ ଷୋହଳ ବର୍ଷ। ତାହା ପରେ ତାଙ୍କୁ ଦିବ୍ୟ-ଜ୍ଞାନ ପ୍ରାପ୍ତ ହୋଇଥିଲା ଏବଂ ସେ ରାଶି ରାଶି ପୁସ୍ତକ ରଚନା ଏବଂ ମହିମା ଧର୍ମର ପ୍ରଚାର ପ୍ରସାର କରିଚାଲିଥିଲେ। ଭୀମଭୋଇଙ୍କ ପିତାମାତାଙ୍କ ପରିଚୟ ଅଜଣା ହୋଇରହିଛି। ଜଟାସିଙ୍ଗ (ଏବର ସୋନପୁର ଜିଲ୍ଲା ଅନ୍ତର୍ଗତ ବୀରମହାରାଜପୁରରେ) ଗାଁର ସନ୍ତାନହୀନ କନ୍ଧ ଦଂପତି ଗୁରୁବାରୀ ଓ ଦନାଇ ଭୋଇ ଗାଁ ମୁଣ୍ଡ ପୋଖରୀ ହୁଡ଼ା ନିକଟସ୍ଥ ତାଳବଣରୁ ତାଙ୍କୁ ପାଇ ଲାଳନପାଳନ କରିଥିଲେ। ମେ ୨୧ ତାରିଖ ତାଙ୍କର ପୂଣ୍ୟପାବନ ଜନ୍ମ ଦିବସ।

ଅଲେଖ ଚନ୍ଦ୍ର ସାମଲ
ଓଏଫଏସ-୧ (ଏସ୍.ବି.), ଯାଜପୁର
ଦୂରଭାଷ : ୯୪୩୭୨୫୭୧୨୩

# ବିରୋଧୀ କହିଲେ ଏସବୁ ଫାର୍ସ

**କଟକ(ସଂପର୍କବାର୍ତ୍ତା):-** କେନ୍ଦ୍ରାପଡା ସାଂସଦ ତଥା ଓଲିଉଡ୍‌ର ଷ୍ଟାର ଅଭିନେତା ଅନୁଭବ ମହାନ୍ତି ଗତକାଲି ପୋଷ୍ଟ କରିଥିବା ଭିଡିଓକୁ ନେଇ ଆଜି ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଗୋଟିଏ ପଟେ ତାଙ୍କ ଦଳ (ବିଜେଡି) ଏହି ଘଟଣାରେ ହାତ ଝାଡି ଦେଇ ଭିଡିଓରେ ଥିବା ବିଷୟ ତାଙ୍କ ବ୍ୟକ୍ତିଗତ କଥା ବୋଲି କହିଛି । ଅନ୍ୟପଟେ ଅନୁଭବଙ୍କ ବିରୋଧୀ ଓ ସମାଲୋଚକମାନେ, ଅର୍ଥାତ୍ ପତ୍ନୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଫ୍ୟାନମାନେ ପୁରା ଘଟଣାକୁ ମିଛ ଡ୍ରାମା ବୋଲି କହି ଉପହାସ କରିଛନ୍ତି ।



ବିଜେଡିର ପରିଷ୍ଠ ନେତା ତଥା କେନ୍ଦ୍ରାପଡା ଜିଲ୍ଲାର ଦଳୀୟ ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ ଏ ସମ୍ପର୍କରେ ଆଜି ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି, ସାଂସଦ ଯେଉଁ ଭିଡିଓ ପୋଷ୍ଟ କରିଛନ୍ତି ସେଥିରେ ସେ ତାଙ୍କ ବ୍ୟକ୍ତିଗତ ଜୀବନ କଥା କହିଛନ୍ତି । ମାତ୍ର ସେ ଯେଉଁ ରାଜନୀତି କଥା କହିଛନ୍ତି ସେ ସମ୍ପର୍କରେ ମୋର ପ୍ରତିକ୍ରିୟା ହେଉଛି କେନ୍ଦ୍ରାପଡାରେ ହେଉଥିବା ସମସ୍ତ ଦଳୀୟ କାର୍ଯ୍ୟକ୍ରମକୁ ତାଙ୍କୁ ଡକାଯାଏ । ତାଙ୍କୁ ଦଳ ପକ୍ଷରୁ କୌଣସି ପ୍ରକାର କୋଣଠେସା କେବେ କରାଯାଇନି । କିନ୍ତୁ ଗତ ପଂଚାୟତ ନିର୍ବାଚନ ବେଳେ ମୁଁ ଅନୁଭବଙ୍କୁ କୌଣସି ନିର୍ବାଚନୀ ପ୍ରଚାରରେ ଦେଖିନି । ତେବେ ରାଜନୀତି କଥା ଉଠାଇଥିଲେ ମଧ୍ୟ ଅନୁଭବ ତାଙ୍କ ଲୋକସଭା କ୍ଷେତ୍ର ନେଇ କିଛି କହିନାହାନ୍ତି । କେନ୍ଦ୍ରାପଡାରେ ସେ କ'ଣ କରିଛନ୍ତି, କେଉଁ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି, ସେଠାକାର ଲୋକଙ୍କ ସୁବିଧା, ଅସୁବିଧାରେ ଛିଡା ହେଉଛନ୍ତି କି ନାହିଁ ସେ ବିଷୟରେ କିଛି କହିନାହାନ୍ତି ବୋଲି ପ୍ରତିକ୍ରିୟା ରଖି ଦେବାଶିଷ ଅନୁଭବଙ୍କୁ ଏକପ୍ରକାର କଟାକ୍ଷ କରିଛନ୍ତି । ବ୍ରଜରାଜନଗର ଉପନିର୍ବାଚନ ପାଇଁ ଦଳର ଷ୍ଟାର କ୍ୟାମ୍ପେନର ଚୟନ ବେଳେ ସେଠାକାର ସ୍ଥିତିକୁ ଦେଖି ଦଳ ନିଷ୍ପତ୍ତି ନେଇଛି । ତେଣୁ ଅନୁଭବ ବାଦ୍ ପଡିବାର ସେଭଳି କିଛି କାରଣ ନଥିବା ଦେବାଶିଷ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ, ଅନୁଭବଙ୍କ ଭିଡିଓକୁ ନେଇ ବର୍ଷା ପ୍ରିୟଦର୍ଶିନୀ ଏଯାବତ ନିଜର ପ୍ରତିକ୍ରିୟା ରଖିନାହାନ୍ତି । ମାତ୍ର ଟୁଇଟରରେ ଥିବା ବର୍ଷା ପ୍ରିୟଦର୍ଶିନୀ ଫ୍ୟାନ୍ କ୍ଲବ୍ ପକ୍ଷରୁ ଏନେଇ ଏକାଧିକ ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି । ଅନୁଭବ ଭିଡିଓ କରି ମିଛ ଡ୍ରାମା କରୁଛନ୍ତି ବୋଲି ଏଥିରେ ଉଲ୍ଲେଖ ରହିଛି । ବର୍ଷା ନିରବ ରହୁଥିବାରୁ ଏହାର ଫାଇଦା ଉଠାଇ ଅନୁଭବ ତାଙ୍କୁ ବଦନାମ୍ କରୁଛନ୍ ବୋଲି ଟୁଇଟର୍‌ରେ ଲେଖାଯାଇଛି । ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି ଟୁଇଟ୍ ଗୁଡିକ ବର୍ଷା ପ୍ରିୟଦର୍ଶିନୀ ନିଜେ ଲାଇକ୍ କରିଛନ୍ତି । ଏଣୁ ଆଗକୁ ବର୍ଷା ଏ ନେଇ କ'ଣ ପ୍ରତିକ୍ରିୟା ଦେଉଛନ୍ତି, ଅନୁଭବ କି ଜବାବ ରଖୁଛନ୍ତି ତାକୁ ଅପେକ୍ଷା ।

# ଆଇସିୟୁରେ ରୋଗୀଙ୍କ ଆଖି ଖାଇଗଲେ ମୂଷା

**ଜୟପୁର(ସଂପର୍କବାର୍ତ୍ତା):-** ଜୟପୁର ସରକାରୀ ମେଡିକାଲରେ ଚରମ ଅବ୍ୟବସ୍ଥା ହସ୍ପିଟାଲ ଆଇସିୟୁରେ ରୋଗୀର ଆଖି ଖାଇଗଲା ମୂଷା ଜଣେ ମହିଳା ପକ୍ଷାଘାତ ରୋଗୀ ଆଇସିୟୁରେ ଭର୍ତ୍ତି ହୋଇଥିବା ଏକ ମୂଷା ତାଙ୍କ ଆଖି ଖାଇଦେଇଛି ଏହି କଥା ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ସତ ସମସ୍ତଙ୍କୁ ତାଜୁବ କଲା ଭଳି ଏଭଳି ଅଭାବନୀୟ ଘଟଣା ଘଟିଛି ରାଜସ୍ଥାନ କୋଟାର ଏକ ସରକାରୀ ହସ୍ପିଟାଲରେ ସୂଚନା ଅନୁଯାୟୀ ମହାରାଓ ଭୀମସିଂହ ହସ୍ପିଟାଲରେ ରୂପବତୀ ବିତେ ନାମକ ୨୮ମହିଳା ଭର୍ତ୍ତି ହୋଇଥିଲେ ଗତ ୪୬ଦିନ ସେ ହସ୍ପିଟାଲର ନ୍ୟୁରୋ ଷ୍ଟ୍ରୋକ ୟୁନିଟରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ପୂରା ଶରୀର ପାରାଲାଇଜ୍ ରହିଛି । ଶରୀରର କୌଣସି ବି ଅଙ୍ଗ ହଲଚଲ ହେଉନାହିଁ ମହିଳାଙ୍କ ପରିବାର ଲୋକେ ଦାବି କରିଛନ୍ତି ଯେ ଏକ ମୂଷା ରୂପବତୀଙ୍କ ଆଖିକୁ ଖାଇଯାଇଛି । ତାଙ୍କ ସ୍ୱାମୀଙ୍କ କହିବାନୁଯାୟୀ ସେ ସୋମବାର ସକାଳ ନିଜ ସ୍ତ୍ରୀଙ୍କ ସହ ଆଇସିୟୁରେ ଥିଲେ । ଏହି ସମୟରେ ଗୋଟିଏ ମୂଷା ସ୍ତ୍ରୀଙ୍କ ଆଖି ଉପରେ ଥିଲା ରୂପବତୀ ସାମାନ୍ୟ ହଲଚଲ ହେବାରୁ ତାଙ୍କ ନିଦ ଭାଙ୍ଗି ଯାଇଥିଲା । ଏହାପରେ ସ୍ତ୍ରୀଙ୍କ ଆଖିରୁ ରକ୍ତ ଝରୁଥିବାର ସେ ଦେଖିବାକୁ ପାଇଥିଲେ । ଏହି ଘଟଣା ସମ୍ପର୍କରେ ସେ ଡାକ୍ତରଙ୍କୁ ଜଣାଇଥିଲେ ।



ଏହାପରେ ଡାକ୍ତର ଚକ୍ଷୁ ବିଭାଗର ଡାକ୍ତର ସହ ଆଲେଚନା କରି ଉପଚାର ବତାଇଥିଲେ । ଏପରିକି ଦରକାର ପଡିଲେ ମହିଳାଙ୍କ ଆଖି ସର୍ଜରୀ କରାଯିବ ବୋଲି ଡାକ୍ତର କହିଥିବା ସୂଚନା ମିଳିଛି ।ଉବର୍ତ୍ତମାନ ଏହି ମାମଲାର ସତ୍ୟସତ୍ୟତା ଯାଂଚ କରାଯାଉଥିବା ହସ୍ପିଟାଲରେ ଡେପୁଟି ସୁପିରିଟେଣ୍ଡେଣ୍ଟ ଜଣାଇଛନ୍ତି ।

# ରାଗିଲେ ସୁପ୍ରିମ୍ କୋର୍ଟ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଅଯଥା ପିଆଇଏଲ୍ ଦାଖଲ କରି ସୁପ୍ରିମ୍‌କୋର୍ଟଙ୍କ ସମୟ ନଷ୍ଟ କରିବା ୨ ଜଣ ଆଇନଜୀବୀଙ୍କୁ ମହଙ୍ଗା ପଡିଛି । ଏଥିପାଇଁ ସୁପ୍ରିମ୍‌କୋର୍ଟ ବିରକ୍ତି ପ୍ରକାଶ କରିବା ସହ ୨ ଆଇନ୍‌ଜୀବୀଙ୍କ ଉପରେ ଉଦାହରଣ ସୃଷ୍ଟି କରିବା ପାଇଁ ୮ ଲକ୍ଷ ଟଙ୍କାର ଫାଇନ୍ ଲାଗୁ କରିଛନ୍ତି । ଏହି ଦୁଇ ଆଇନ୍‌ଜୀବୀ

## ଦୁଇ ଓକିଲଙ୍କୁ ୮ ଲକ୍ଷ ଫାଇନ୍



ଟ୍ରାଫିକ୍ ସମସ୍ୟା, ବାୟୁ ପ୍ରଦୂଷଣ ଓ ନିର୍ଗମ ନିୟମ ଭଳି ପ୍ରସଙ୍ଗରେ ଶୁଣାଣି କରିବାକୁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ସୁପ୍ରିମ୍‌କୋର୍ଟ ଏହି ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି । ଜଷ୍ଟିସ୍ ଏସ୍ ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପିଠ କହିଛନ୍ତି ଆପଣମାନଙ୍କ ପାଖରେ ଏନ୍‌ଜିଟି ଠାରୁ ଆରମ୍ଭ କରି ବିଭିନ୍ନ କୋର୍ଟ ରାୟର କପି ରହିଛି । ତଥାପି ଆପଣମାନେ ଏହି ପ୍ରସଙ୍ଗରେ ପିଟିସନ୍ ଦାୟର କରୁଛନ୍ତି । ଆପଣ ଏହି ଶୁଣାଣି ପାଇଁ ନିଶ୍ଚିତ ଅଛନ୍ତି ? ସୁପ୍ରିମ୍‌କୋର୍ଟରେ ଓକିଲାତି କରୁଥିବା ୨ଜଣ ଆଇନ୍‌ଜୀବୀ ଏପରି ଦୁଃସାହାସ କରିଛନ୍ତି । ଆମେ ସମସ୍ତଙ୍କୁ ସତର୍କ କରାଉଛୁ ।

ସେହିପରି ଆବେଦନକାରୀଙ୍କ ଉପରେ ଉଦାହରଣ ସୃଷ୍ଟି କରିବା ପାଇଁ ୮ ଲକ୍ଷ ଟଙ୍କାର ଫାଇନ୍ ମଧ୍ୟ ଲାଗୁ କରୁଛୁ । ଆଇନ୍‌ଜୀବୀ ଦ୍ୱୟଙ୍କ କୌଣସି ପ୍ରକାର ରିଟ୍ ପିଟିସନ୍‌କୁ ସୁପ୍ରିମ୍‌କୋର୍ଟ ରେଜିଷ୍ଟ୍ରାର ଗ୍ରହଣ କରିବେ ନାହିଁ । ଜଷ୍ଟିସ୍ ରାଓଙ୍କ ବ୍ୟତୀତ ଏହି ଖଣ୍ଡପୀଠରେ ଜଷ୍ଟିସ୍ ବି.ଆର୍ ଗଭାଇ ଓ ଜଷ୍ଟିସ୍ ଏ.ଏସ୍ ବୋପାନ୍ନା ମଧ୍ୟ ରହିଥିଲେ । ଆବେଦନକାରୀ ଦୁଇ ଆଇନଜୀବୀ ଦର୍ଶାଇଥିଲେ ଯେ, ଗାଡିଗୁଡିକ ପାଇଁ ଏବେ ଲାଗୁ ହୋଇଥିବା ୧୦ ଓ ୧୫ ବର୍ଷର ନିୟମ ଅବୈଧ ଓ ବେଆଇନ୍ ।

# କଟକରେ ଟ୍ରାଫିକ୍ ନିୟମକୁ ବେଖାତିର

**କଟକ(ସଂପର୍କ ବାର୍ତ୍ତା):-** କାରରେ ଏବେ କଳା କାଚ ଲଗାଉଥିବା ଦେଖିବାକୁ ମିଳିଛି । କଳାକାଚ ଲଗାଇବା ଲାଗି ନିୟମ ନଥିଲେ ମଧ୍ୟ ଏହାକୁ ପାଳନ କରାଯାଉନାହିଁ । ଅପରାଧୀମାନେ ଏହାର ସୁଯୋଗ ଉଠାଉଛନ୍ତି । କଳାକୁ ଲାଗିବା ଦ୍ୱାରା ଚାଳକଙ୍କୁ ଟ୍ରାଫିକ୍ ସିଗ୍‌ନାଲ ଠିକ୍ ଭାବେ ଦୃଶ୍ୟମାନ ହେଉନାହିଁ । ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି । ଏହାକୁ ଗୁରୁତ୍ୱର ସହ ନେଇଛି କମିସନରେଟ୍ ପୁଲିସ । କଳାକାଚ କିମ୍ବା କାଚ ଉପରେ କଳା ଜରିର ଲେପ ଦିଆଯାଇଥିବା ଗାଡି ଗୁଡିକ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରାଫିକ୍ ପୁଲିସ ପକ୍ଷରୁ କୁହାଯାଇଛି ।



କାରରେ କଳାକାଚ ଲାଗିବା ଯୋଗୁଁ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା । ଅପରାଧିମାନେ ଅପରାଧ ଘଟାଇବା ପରେ ଖୁବ୍ ସହଜରେ ଖସିଯାଉଥିଲେ । ଏପରିକି ଅପହରଣ ଭଳି ଘଟଣା ମଧ୍ୟ ବୃଦ୍ଧି ପାଇବାରେ ଲାଗିଥିଲା । ଏହାକୁ ଦୃଷ୍ଟିରେ ରଖି କାରରେ କଳାକାଚ ଲଗାଇବା ଉପରେ ସୁପ୍ରିମ୍‌କୋର୍ଟ ୨୦୧୨ ମସିହାରେ କଟକଣା ଜାରି କରିଥିଲେ । କେବଳ ଟିଣ୍ଟେଡ୍ କ୍ଲା ଲଗାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଏହାର କିଛିଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା । ଏପରିକି ବହୁ ଗଡିରୁ କଳାକାଚ ହଟାଯାଇଥିଲା । ହେଲେ ଗତ କିଛି ବର୍ଷ ଗାଡି ମାଲିକମାନେ ଗାଡିରେ କଳାକାଚ ବ୍ୟବହାର କରୁଛନ୍ତି । ବିଶେଷ କରି ଦାମୀ ଗାଡି ଗୁଡିକରେ କଳାକାଚ ଲଗାଯାଉଥିବା ଦେଖିବାକୁ ମିଳୁ ଛି । ଅପରାଧୀମାନେ ମଧ୍ୟ ଏହାର ସୁଯୋଗ ଉଠାଇବା ଆରମ୍ଭ କରିଛନ୍ତି । ଅନ୍ୟପକ୍ଷେ କଳାକାଚ ଲାଗିବା ଦ୍ୱାରା ଚାଳକଙ୍କୁ ବାମ ଓ ଡାହାଣପଟ ଟ୍ରାଫିକ୍ ସିଗ୍‌ନାଲ ଭଲଭାବେ ଦୃଶ୍ୟମାନ ହେଉନାହିଁ । ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ପୁଲିସ ଜାରିବାକୁ ପାଉଛି । ଏହାକୁ ଦୃଷ୍ଟିରେ ରଖି ସହର ତଥା ରାଜପଥରେ କଳାକାଚ ଲାଗୁଥିବା ଗାଡି ଗୁଡିକ ଯାଞ୍ଚ କରାଯିବ ଏବଂ ଏହାକୁ ଯେପରି ପୁନର୍ବାର ବ୍ୟବହାର ନକରିବେ ଏ ନେଇ ତାଗିଦ୍ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

# ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ଭେଟିଲେ ସାମ୍ବଦିକ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ବ୍ରହ୍ମପୁର ଏମକେସିଜି ମେଡିକାଲର ସମସ୍ୟାକୁ ନେଇ ସାମ୍ବାଦକ ମାନଙ୍କ ଶାନ୍ତି ପୂର୍ଣ୍ଣ ଗଣଧାରଣାର ଦ୍ୱିତୀୟ ଦିନରେ ଦକ୍ଷିଣାଂଚଳ ରାଜସ୍ୱ କମିଶନରଙ୍କୁ ଭେଟିଛନ୍ତି । ଏମକେସିଜି ସ୍ୱାସ୍ଥ୍ୟ ବିକାଶ ସମିତିର ଅଧକ୍ଷ ଖୋଦ ଆରଡିସି ରହିଥିବା ବେଳେ ଗଣମାଧମ ପ୍ରତିନିଧିମାନେ ମୁଖ୍ୟ ଚାରେଟି ସମସ୍ୟା କିପରି ସମାଧାନ ହେବ ସେ ନେଇ ଆଲୋଚନା କରିଥିଲେ । ଡାକ୍ତର ନିଯୁକ୍ତି ସହିତ କାଜୁଆଲଟିରେ ଅଭିଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁଁ ରୋଗୀ କିପରି ଅସୁବିଧାର ସମ୍ମୁଖିନ ହେଉଛନ୍ତି ତାହା ଅବଗତ କରାଇଥିଲେ । ସେହିପରି ଦକ୍ଷିଣ ଓଡିଶାର ୧୦ରୁ ଉର୍ଦ୍ଧ ଜିଲ୍ଲାର ରୋଗୀଙ୍କ ପାଇଁ ବର୍ଣ୍ଣ କେୟାର ୟୁନିଟ ନିହାତି ଆବଶ୍ୟକ ରହିଥିବା ବେଳେ ତାହା କିପରି ସ୍ଥାପନ ହେବ ସେନେଇ ମଧ୍ୟ ଆଲୋଚନା କରିଥିଲେ



ଗଣମାଧମ ପ୍ରତିନିଧି ପରି ଶେଷରେ ଏହି ସମ୍ବନ୍ଧରେ ଚାରିଦଫା ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ ସମସ୍ତ କାର୍ଯ୍ୟରତ ଗଣମାଧମ ପ୍ରତିନିଧି ।

# ପଞ୍ଚଦଶ ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଦୀର୍ଘ ସାତଦିନ ଧରି ପାଳିତ ହୋଇ ଆସୁଥିବା ବଟଶ୍ରୀକ୍ଷେତ୍ରର ପଂଚଦଶ ବାର୍ଷିକ ଉତ୍ସବର ଆଜିଥିଲା ଶେଷ ଦିନ । ଏଠାରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ତଥା ଶ୍ରୀଜଗନ୍ନାଥ ପାଂଚରାତ୍ର କାର୍ଯ୍ୟକ୍ରମ ବିପୁଳ ଜନ ସମାବେଶରେ ସମାପ୍ତ ହୋଇଛି । ଜଗତସିଂହପୁର ଅଂଚଳରେ ଆଧାତ୍ମିକ ବାତାବରଣ ସୃଷ୍ଟି କରିବା, ଜଗନ୍ନାଥ ସଂସ୍କୃତିକୁ ପ୍ରଚାର ପ୍ରସାର କରିବା ପାଇଁ ମଙ୍ଗ ଧରିଥିବା 'ବଟଶ୍ରୀକ୍ଷେତ୍ର' ତାର ପକ୍ଷ ବିସ୍ତାର କରିଚାଲିଛି ବୋଲି ବଟଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ କହିଥିଲେ । ଦୀର୍ଘ ୫୦ ବର୍ଷ ପୂର୍ବରୁ ସୂଚନା ଦେଇଥିବା ପୂର୍ଣ୍ଣିମା ମାତାଙ୍କ ଦିବ୍ୟଦୃଷ୍ଟିକୁ ମନେପକାଇ ଡ. ସୁରେନ୍ଦ୍ର ତ୍ରିପାଠୀ କହିଥିଲେ ଯେ ଆଧାତ୍ମିକ ଚେତନା ହିଁ ମଣିଷକୁ ଦିବ୍ୟାନନ୍ଦ ପ୍ରଦାନ କରିଥାଏ । ବର୍ଷିୟାନ ଔପନାସିକ ଶ୍ରୀଯୁକ୍ତ ଭାଗିରଥି ଦାସ ଏହି ପାଟେଣିଗାଁର ପଚାଷ ବର୍ଷର ଇତିହାସ




କଥା ବର୍ଣ୍ଣନା କରିବା ସହ ଆଜି ଆଧାତ୍ମିକ ଜାଗରଣରେ ବଟଶ୍ରୀକ୍ଷେତ୍ର ନେଇଥିବା ପ୍ରମୁଖ ଭୂମିକାକୁ ଉପସ୍ଥାପିତ କରିଥିଲେ । ଏହି ସଭାର ଶେଷରେ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ସଭାରେ ନୃତ୍ୟାଙ୍ଗନା ସୁଶ୍ରୀ ସୁଦିପ୍ତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନିର୍ମାଲ୍ୟର ମୁଖ୍ୟ ସମ୍ପାଦକ ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ଆତଙ୍କବାଦ ବିରୋଧୀ ଶପଥପାଠ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସମଗ୍ର ଦେଶରେ ଆତଙ୍କବାଦ ବିରୋଧୀ ଦିବସ ପାଳନ ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶାଳୟରେ ଆଜି ପୂର୍ବାହ୍ନରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ସରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଦେଶିତ ସମୟ ଅନୁସାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଆତଙ୍କବାଦ ବିରୋଧୀ ଶପଥପାଠ କରାଇଥିଲେ ।



ଅହିଂସା ଓ ସହନଶୀଳତା ପରମ୍ପରାରେ ବିଶ୍ୱାସ ରଖୁଥିବା ଆମେ ଭାରତବାସୀ, ସବୁ ପ୍ରକାର ଆତଙ୍କବାଦ ଓ ହିଂସାକୁ ଦୃଢ ଭାବରେ ବିରୋଧ କରିବା ସହ, ଶାନ୍ତି ବଜାୟ ରଖି ପାରସ୍ପରିକ ଭାବଗତ ଐକ୍ୟ ଓ ବୁଝାମଣା ସହକାରେ ମାନବ ଜୀବନ ଓ ମାନବୀୟ ମୂଲ୍ୟବୋଧରେ ବାଧକ ସାଜୁଥିବା ସମସ୍ତ ବିଚ୍ଛିନ୍ନତାବାଦୀ ଶକ୍ତି ବିରୋଧରେ ନିରବଚ୍ଛିନ୍ନ ସଂଗ୍ରାମ ଜାରି ରଖିବାକୁ ସମସ୍ତେ ଶପଥ ନେଇଥିଲେ । ପ୍ରକାଶ ଥାଉକି, ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧିଙ୍କ ତିରୋଧାନ ଦିବସ ଅବସରରେ ସମସ୍ତଙ୍କୁ ଆତଙ୍କବାଦ ଓ ହିଂସାତ୍ମକ କାର୍ଯ୍ୟକଳାପରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମଇ ମାସ ୨୧ ତାରିଖରେ ଆତଙ୍କବାଦୀ ବିରୋଧ ଦିବସ ପାଳନ ହୋଇଆସୁଛି ।

ଏହି ଶପଥପାଠ କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ମାନସ ରଞ୍ଜନ ଖୁଣ୍ଟିଆ, ଉପ-ନିର୍ଦ୍ଦେଶକ ଡଃ. ଜ୍ୟୋତିର୍ମୟୀ ସାମନ୍ତରାୟ, ଶ୍ରୀମତୀ ସ୍ମିତା କର, ଶ୍ରୀ ବିଶ୍ୱଜିତ ଦାଶ, ଶ୍ରୀ ବସନ୍ତ କୁମାର ମହାନ୍ତି ଏବଂ ଉପ ଶାସନ ସଚିବ ଶ୍ରୀ ମନ୍ୟୁ ପ୍ରକାଶ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ଶାଖାର ପଦାଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ । ସହକାରୀ ନିର୍ଦ୍ଦେଶିକା (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

# ରାଜ୍ୟ ଏନ୍‌ଏସ୍‌ଏସ୍ ଉପଦେଷ୍ଟା ପରିଷଦ ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)କୁ ଅଧିକ କ୍ରିୟାଶୀଳ କରାଯିବ । ରାଜ୍ୟର ୧ ଲକ୍ଷ ୧୫ ହଜାର ୫୦୦ ସ୍ୱେଚ୍ଛାସେବୀଙ୍କୁ ଚଳିତ ଶିକ୍ଷା ବର୍ଷରେ ମହାବିଦ୍ୟାଳୟଗୁଡିକ ତମାଖୁମୁକ୍ତ, ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ୍‌ରେ ପରିଣତ କରିବା ସହିତ ବ୍ୟାପକ ରକ୍ତଦାନ କାର୍ଯ୍ୟକ୍ରମରେ ନିୟୋଜିତ କରାଯିବ । ଏଥି ସହ ବୃକ୍ଷରୋପଣ ଓ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି ।




ପୁସ୍ତକ ଭବନଠାରେ ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟ ଏନ୍‌ଏସ୍‌ଏସ୍ ଉପଦେଷ୍ଟା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତ୍ତି ଅନୁଯାୟୀ ଏଣିକି ପ୍ରତି ଏନ୍‌ଏସ୍‌ଏସ୍ ୟୁନିଟ୍‌ର ସ୍ୱେଚ୍ଛାସେବୀ ସଂଖ୍ୟା ୫୦ରୁ ୧୦୦କୁ ବୃଦ୍ଧି କରାଯିବ । ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡିକରେ ଏନ୍‌ଏସ୍‌ଏସ୍‌କୁ ସକ୍ରିୟ କରାଯିବ । ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହିତ ସ୍ୱେଚ୍ଛାସେବୀମାନଙ୍କ ଆନ୍ତଃରାଜ୍ୟ ଭ୍ରମଣ ପାଇଁ ସୁଯୋଗ ପ୍ରଦାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା ।

ବୈଠକରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା, ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ସୁଶ୍ରୀ ସରିତା ପଟେଲ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ସତ୍ୟରଞ୍ଜନ ସାହୁ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ସଂଯୋଜକ ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଓ ନିରଦ ବରଣ ଖୁଣ୍ଟିଆ, ସମାଜସେବୀ ମଧୁସୂଦନ ଦାସଙ୍ଗଯକ ସମେତ ୨୪ଟି ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଯୋଗଦେଇ ଏନ୍‌ଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

www.samparkabarta.in

ODIA WEEKLY

ପୃଷ୍ଠା ୮

ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |

Vol.5 Issue-50 May 23 to 29, 2022, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୫୦ ମଇ ୨୩ ରୁ ୨୯, ୨୦୨୨, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା

# ଟିର୍ତ୍ତୋଲ୍ ବ୍ଲକ୍ ଅଫିସର୍ ଓ ଯନ୍ତ୍ରୀ ମାଡୁଆ !

**ଟିର୍ତ୍ତୋଲ୍(ସଂପର୍କବାର୍ତ୍ତା):-** ଟିର୍ତ୍ତୋଲ୍ ବ୍ଲକ୍ ଅଞ୍ଚଳରେ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଶ୍ରମିକ ଶ୍ରେଣୀର ବ୍ୟକ୍ତିବେଶେଷମାନେ ବ୍ଲକ୍ ଅଫିସର୍ ଓ ଯନ୍ତ୍ରୀଙ୍କୁ ମାଡୁଆ ଅଫିସର୍ ବୋଲି ଗାଳି କରୁଛନ୍ତି। ସେମାନଙ୍କ ପରିବାର ଆଟ୍‌ଲିଷ୍ଟ ସାଧାରଣ ଜ୍ଞାନ ବା ସଂସ୍କାର ବୋଲି ଗୋଟିଏ କଣ ତାହା ଶିଖାଇ ନଥିବା କୁହାଯାଉଛି। ବୁଝିବାରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀନ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନିୟମିତତା ଭାବେ କରାଯାଉଛି। ଜବ୍‌କାର୍ଡଧାଡିଙ୍କ ପରିବାର ଭୋକ ଉପାସରେ ଦିନ କାଟୁଥିବା ବେଳେ ଏ ଅଫିସର୍ ଓ ଯନ୍ତ୍ରୀଙ୍କର କୁଳବୁଡୁ ବୋଲି ଗାଳିଫଜିଲ୍ କରୁଥିବା କୁହାଯାଉଛି। କରୋନାର ପରବର୍ତ୍ତୀ କାଳରେ ଜବ୍‌କାର୍ଡଧାରିମାନେ ସେମାନଙ୍କ ଆର୍ଥିକ ଅନାଟନ କାରଣରୁ କାର୍ଯ୍ୟ କରିବାକୁ ସ୍ୱତଃ ଆଗ୍ରହ ପ୍ରକାଶ କରୁଥିଲେ ମଧ୍ୟ ଜେସିବି ଓ ଟ୍ରାକ୍ଟର ଲଗାଯାଇ ଏହା କରାଯାଉଥିବାରୁ କ୍ରୋଧାନ୍ୱିତ ହୋଇ ଏପରି ଗାଳିଫଜିଲ୍ କରୁଥିବା ଶୁଣାଯାଉଛି। ଯଦ୍ୱାରା ଏହି ଯୋଜନାର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। କେତେକ ସଂପୃକ୍ତ ଅଧିକାରୀ ଓ କେତେକ ଜନପ୍ରତିନିଧିମାନେ ହିଁ ଏଥିରୁ ଫାଇଦା ଉଠାଇ ଚାଲିଛନ୍ତି। ବିରିତୋଳ ଗ୍ରାମ ପଞ୍ଚାୟତର ସଲମପୁର ୨ନଂ ଅଙ୍ଗନୱାଡି କେନ୍ଦ୍ର ଓ ରସୁଲପୁର ଅଙ୍ଗନବାଡି କେନ୍ଦ୍ର ପରିସର ମାଟି ଖୋଦେଇ କାର୍ଯ୍ୟ, ସଲମପୁର ଗ୍ରାମ କେଳାଦେଣ୍ଡା ଠାରୁ ହଂସୁଆନଦୀ ବନ୍ଧକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ, ଇଦିଗା ଠାରୁ ସୋବନୀ ମିଆଁ ଘର ପର୍ଯ୍ୟନ୍ତ ରାସ୍ତା, ବାରମାଣିଆଠାରୁ ଜେନା ସାହି ପର୍ଯ୍ୟନ୍ତ ରାସ୍ତା, ବେହେରା ଛକଠାରୁ ପଞ୍ଚାୟତ ଅଫିସ୍ ପର୍ଯ୍ୟନ୍ତ ମାଟିରାସ୍ତା ଏବଂ ବାରି ବିରିତୋଳଠାରୁ ହଂସୁଆନଦୀ ବନ୍ଧ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଆଦି ଜେସିବି ଓ ଟ୍ରାକ୍ଟର ଲଗାଯାଇ କରାଯାଉଛି। ଏଣୁ ଏ ଅଭିଯୋଗକୁ ବିଚାରପୂର୍ବକ ଗ୍ରହଣ କରି ଏହାର ଯଥାଯଥ ତଦନ୍ତ କରିବା ସହିତ ସଂପୃକ୍ତ ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଆମ୍ଭେମାନେ ବିହିତ ଚିରୋପକୃତ ହେବୁ ବୋଲି ଉକ୍ତ ଅଞ୍ଚଳର ମାନସ ରଞ୍ଜନ ବେହେରା, ସରୋଜ କୁମାର ବେହେରା, ପ୍ରକାଶ ସାସମଲ, ନିରଞ୍ଜନ ବେହେରା, ମାନସ ପୃଷ୍ଟି, ଜବନ୍ଧୁ ବେହେରା, ପରେଶ ବିଶ୍ୱାଳ, ସୁଧାଂଶୁ ଶେଖର ବେହେରା, ନିହାର ରଞ୍ଜନ, ନବୀନ ବିଶ୍ୱାଳ, ଏସ୍‌କେ ସମ୍‌ସଉଦ୍ଦିନ୍‌ଙ୍କ ସମେତ ଅନେକ ବ୍ୟକ୍ତି ଗତ ୨୦ ତାରିଖ ଦିନ ସ୍ଥାନୀୟ ବ୍ଲକ୍ ଅଫିସରଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା ଜଣାପଡିଛି। ଦେଖିବାର ଅଛି ସଂପୃକ୍ତ ଅଫିସର ଓ ଯନ୍ତ୍ରୀ ଏହି ଅଭିଯୋଗକୁ ଭିତ୍ତିକରି ତାଙ୍କ ଉପରେ କି କି ଆକ୍ସନ ନେଉଛନ୍ତି ବା ଜବ୍‌କାର୍ଡଧାରୀମାନଙ୍କୁ କିପରି ନ୍ୟାୟ ଦେଉଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚାହିଁ ରହିଛନ୍ତି।

# ୬୫ ବୟସରେ ନେତାଙ୍କୁ ଅବସର ଦେବ କଂଗ୍ରେସ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନିଜ ଅସ୍ତିତ୍ୱ ରକ୍ଷା ପାଇଁ ସଂଘର୍ଷ କରୁଥିବା କଂଗ୍ରେସରେ ଲାଗୁ ହେବ କି ଅବସର ବୟସ ସୀମା ? ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ନେତାଙ୍କୁ ଗାଦି ଛାଡି ଘରେ ବସିବାକୁ କହିବ କି ଦଳ ? ଏହାଦ୍ୱାରା ଯୁବ ବର୍ଗଙ୍କ ହାତରେ ଦଳର ପରିଚାଳନା ଦାୟିତ୍ୱ ନ୍ୟସ୍ତ ହେବାର ଆଶା ଉଜ୍ଜୀବିତ ହେଲେ ଟ୍ରାକ୍‌କୁ ଫେରି ପାରିବ ତ ଦଳ ? ଏହାକୁ ନେଇ କଂଗ୍ରେସ ଚିନ୍ତନ ଶିବିରରେ ତର୍ଜମା ଚାଲିଥିବା ବେଳେ ଗ୍ରୀନ୍ ସିଗ୍‌ନାଲ୍ ଦେଇଥିଲେ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀ। ହେଲେ ଏହି ନିୟମ ଲାଗୁ ହେଲେ ଦଳର ବହୁ ତୁଙ୍ଗ ଓ ପୁରୁଖା ନେତା ସକ୍ରିୟ ରାଜନୀତିକୁ ଦୂରେଇଯିବା ଆଶଙ୍କା ଥିବାରୁ ଏହି ନିୟମକୁ ଆସନ୍ତା ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ କଂଗ୍ରେସକୁ ପୁଣି ଥରେ ଟ୍ରାକ୍‌କୁ ଫେରାଇଆଣିବାକୁ ରାଜସ୍ଥାନରେ ଉଦୟପୁରରେ ଚାଲିଥିବା କଂଗ୍ରେସ ଚିନ୍ତନ ଶିବିରରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ହେଲେ ଗୋଟିଏ ନିଷ୍ପତ୍ତି ନିଆଯିବା ପୂର୍ବରୁ ଅଟକି ଯାଇଛି। ସୂତ୍ର ଅନୁଯାୟୀ କଂଗ୍ରେସ ନେତାଙ୍କ ଅବସର ବୟସ ସୀମା ୬୫ ଧାର୍ଯ୍ୟ କରାଯାଉ ବୋଲି ଚିନ୍ତନ ଶିବିରରେ ଦଳର ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖୋଦ୍ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଏହା ଉପରେ ମୋହର ଲଗାଇଦେଇଥିଲେ। ଏହାପରେ



କଂଗ୍ରେସ ଶିବିରରେ ଏକ ପ୍ରକାର ହଇଚଇ ସୃଷ୍ଟି ହୋଇଥିଲା। ଏହା ଦ୍ୱାରା ୬୫ ପାର୍ କରିସାରିଥିବା ଦଳର ବହୁ ଆଗଧାଡିର ନେତା ଯେପରିକି ମଧ୍ୟପ୍ରଦେଶର କମଳନାଥ ସିଂ, ଦିଗ୍‌ବିଜୟ ସିଂ, ହିମାଞ୍ଚଳ ପ୍ରଦେଶର ପ୍ରତିଭା ବିରଭଦ୍ର ସିଂ, ତାମିଲନାଡୁର ପି. ଚିଦାମ୍ବରମ୍, ଜାମ୍ମୁକାଶ୍ମୀରର ଗୁଲାମନବୀ ଆଜାଦ, କର୍ଣ୍ଣାଟକର ମଲିକାର୍ଜୁନ ଖଡ୍‌ଗେ ପ୍ରମୁଖ ଘରେ ବସିବାର ଆଶଙ୍କା ଦେଖାଦେଇଥିଲା।

ଏହି ସମସ୍ୟା ସାମ୍ନାକୁ ଆସିବା ପରେ ପୁଣି ଥରେ ଲମ୍ବା ସମୟ ପର୍ଯ୍ୟନ୍ତ ବିଚାରବିମର୍ଷ ଚାଲିଲା। କଂଗ୍ରେସର ଏପରି ଦୁଃସମୟରେ ଏପରି ନିଷ୍ପତ୍ତି ଦଳ ପାଇଁ ହିତକର ସାବ୍ୟସ୍ତ ହେବ ନାହିଁ ବୋଲି ମତ ପ୍ରକାଶ ପାଇଲା। ଏହାପରେ ଏବେ ଏହି ନିଷ୍ପତ୍ତିକୁ ୨୦୨୪ରେ ହେବାକୁ ଥିବା ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ଟାଳିଦିଆଯାଇଛି। ଧିରେ ଧିରେ ଏହି ନିଷ୍ପତ୍ତିକୁ ଲାଗୁ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ନିଷ୍ପତ୍ତି ପରେ କଂଗ୍ରେସର ପୁରୁଖା ନେତାମାନେ ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ ଶାନ୍ତିରେ ନିଶ୍ୱାସ ମାରିବେ ବୋଲି ଚର୍ଚ୍ଚା ହେଉଛି। ହେଲେ ଏହାପରେ ଦଳର ୫୦% ସିଟ୍‌ରେ ୫୦ବର୍ଷରୁ କମ୍ ଯୁବକଙ୍କୁ ଭର୍ତ୍ତି କରାଯିବ। ୨୦୨୪ ଲୋକସଭା ନିର୍ବାଚନ ପରେ ସୋନିଆ ଗାନ୍ଧୀ ସକ୍ରିୟ ରାଜନୀତିରୁ ଅବସର ନେବେ ବୋଲି ଜାତୀୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ଏଥିସହ ତାଙ୍କ ଅମଳର ଅମ୍ବିକା ସୋନୀ, ସୁସିଲ୍ କୁମାର ସିନ୍ଦେ, ଏ.କେ. ଆଣ୍ଟୋନୀ ପ୍ରମୁଖ ମଧ ସେହି ସମୟରେ ରାଜନୀତିରୁ ଅବସର ନେଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ତେଣୁ ଏହା ପରେ ଧିରେ ଧିରେ କଂଗ୍ରେସ ଏହି ନିୟମକୁ ଲାଗୁ କରିପାରେ ବୋଲି ରାଜନୈତିକ ବିଶ୍ଲେଷକ କହୁଛନ୍ତି।

# ଇଂଜିନିୟର ନାହାଁନ୍ତି, ଗୋଶାଳାରେ ଓଭରବ୍ରିଜ୍ ନିର୍ମାଣ ଚାଲିଛି

**କଟକ(ତପନ ମହାନ୍ତି):-** କଟକ ନୂଆବଜାର ଗୋଶାଳା ରୋଡରେ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଚାରି ବର୍ଷ ହେଲା ମନ୍ଥର କାମ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ କଟକ ସହରର ନୂଆବଜାର - ଖପୁରିଆ ରାସ୍ତାରେ ରହିଥିବା ରେଳବାଇ ଲେବୁଲ କ୍ରସିଂରେ ଘଣ୍ଟା ଘଣ୍ଟା ଟ୍ରାଫିକ୍ ଜାମ ହେଉଛି । ୧୦୧୭ରେ ନୂଆବଜାରଠାରେ ରେଳ ଓଭରବ୍ରିଜ ପାଇଁ ଅର୍ଥ ମଂଜୁର ହେବାପରେ ଏହାର ଟେଣ୍ଡର କରାଯାଇଲା । କିନ୍ତୁ ବିଳମ୍ବରେ କାମ ଆରମ୍ଭ ହୋଇଥିଲା । ଅଦ୍ୟାବଧି ଏହି ବ୍ରିଜ ନିର୍ମାଣ କାମ ଯେତିକି ଅଗ୍ରଗତି କରିବା କଥା ତାହା ହୋଇପାରୁନାହିଁ । ପ୍ରକୃତ ଘଟଣା ହେଲା ଏହି ବ୍ରିଜ ନିର୍ମାଣ ବିଷୟରେ ଏହି ଯନ୍ତ୍ରୀମାନଙ୍କର ଜ୍ଞାନ ନଥିବାରୁ କାମ ଆଗେଇ ପାରୁନି ବୋଲି ବୁଦ୍ଧୀଜୀବୀ ମହଲରେ ଚର୍ଚ୍ଚା ହେଉଛି । ଯାହା ଫଳରେ କାମ ଦ୍ରୁତ ଗତିରେ ଆଗେଇ ପାରୁନି । ୨୦୧୭ରେ ବିଧାନସଭାର ଗୃହ କମିଟି ଏହି ପ୍ରକଳ୍ପ ଅଂଚଳ ପରିଦର୍ଶନ କରିଥିଲେ। ଉଭୟ ରେଳବାଇ ଓ ପୂର୍ତ୍ତ ବିଭାଗର ସହଯୋଗରେ ଏଠାରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରକଳ୍ପ ମଂଜୁର ପରେ ଅଦ୍ୟାବଧି ୫୦ ପ୍ରତିଶତ କାର୍ଯ୍ୟ ମଧ୍ୟ ସରିନାହିଁ। ଏହି ବ୍ରିଜ ନିର୍ମାଣ ଲାଗି ପ୍ରାୟ ୫୦ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା ଯେଉଁଥିରେ ରେଳବାଇ ୨୦ କୋଟି ଓ ପୂର୍ତ୍ତ ବିଭାଗ ପ୍ରାୟ ୩୧ କୋଟି ଟଙ୍କା



ଖର୍ଚ୍ଚ କରିବା ପାଇଁ ଧାର୍ଯ୍ୟ ହୋଇଥିଲା । ଏହି ରାସ୍ତା ନୂଆବଜାର ଛକରୁ ଗୋଶାଳା ଦେଇ ନୂଆପଡା, ଖପୁରିଆ, ବୟାଳିଶମୌଜା ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି । ତେବେ ଖପୁରିଆସ୍ଥିତ ସରକାରୀ ପ୍ରେସ, ସରକାରୀ ଆଇଟିଆଇ, ନୂଆପଡାଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓଏଠାରେ ଥିବା ସରକାରୀ କରତକଳ ସମେତ ଖପୁରିଆ ଶିଳ୍ପାଞ୍ଚଳକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଲୋକେ ଯାନବାହାନରେ ଯାତାୟତ କରିଥାନ୍ତି । ତେବେ ଗୋଶଳା ନିକଟରେ ଥିବା ଏହି ଲେବୁଲ କ୍ରସିଂରେ ଘଣ୍ଟା ଘଣ୍ଟା ଧରି ଲୋକଙ୍କୁ ଅପେକ୍ଷା କରିବାକୁ ପଡୁଛି। ୫୦ କୋଟିରୁ ଅଧିକ ଟଙ୍କାରେ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଇଂଜିନିୟର ମାନଙ୍କ କୌଣସି ଦେଖା ଦର୍ଶନ ମିଳିନଥାଏ ବୋଲି ଉକ୍ତ ଅଂଚଳର ବହୁ ମୁରବୀ ଶ୍ରେଣୀ ଲୋକ ଅଭିଯୋଗ କରିଛନ୍ତି।

ଏହି ବ୍ରିଜ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କ କାଯ୍ୟକଳାପ ଏବଂ ବ୍ରିଜର କାମକୁ ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର ବୋଲି ଅଂଚଳରେ ବୁଦ୍ଧିଜୀବୀ କୁହନ୍ତି । ନଚେତ୍ କେତେବେଳେ କ'ଣ ହେବ କିଏ ବା କହିବ ? ଏହି ଲେବୁଲ କ୍ରସିଂ ନିକଟରୁ ମାତ୍ର ଦେଢଶହ ମିଟର ଦୂରରେ ଆଉ ଏକ ଫ୍ଲାଏ ଓଭରବ୍ରିଜ ନିର୍ମାଣ ହୋଇଥିଲେ ମଧ୍ୟ ଏହା ବିଶେଷ କାମରେ ଲାଗି ନଥିଲା । ସାଧାରଣ ଲୋକ କୁହନ୍ତି ଯେଉଁ ନେତା ଏହି ବ୍ରିଜକୁ ସାଂକ୍ସନ କରି ଆଣିଥିଲେ ତାଙ୍କ ପକେଟ ଗରମ ହୋଇଛି । ସେତେବେଳେ ଏହି ଫ୍ଲାଏ ଓଭରବ୍ରିଜ୍ ଯଦି ରେଳପଥ ଅତିକ୍ରମ କରିଥାନ୍ତା ତାହେଲେ ଟ୍ରାଫିକ୍ ଜାମ ସୃଷ୍ଟି ହୋଇ ନଥାନ୍ତା।

# ଜୁନ୍ ମାସରୁ ଆଉ ମିଳିବନି ଗହମ

**କଟକ(ସଂପର୍କବାର୍ତ୍ତା):-** ଆସନ୍ତା ଜୁନ୍ ମାସରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟିଙ୍କୁ ଆଉ ମିଳିବନି ଗହମ। ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ଅର୍ଥାତ୍ ଏବେଠାରୁ ୧୦ ମାସ ପର୍ଯ୍ୟନ୍ତ ଗହମ ମିଳିବନି। ଖାଉଟିଙ୍କୁ ଗହମ ବଦଳରେ ଚାଉଳ ମିଳିବ। ଅନ୍ୟପକ୍ଷରେ ଏହାର ପ୍ରଭାବରେ ଓଡ଼ିଶାରେ ଅଟା ଆଉ ସୁଜିର ମୂଲ୍ୟବୃଦ୍ଧି ଘଟିବ ବୋଲି ଆଶଙ୍କା କରାଯାଉଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ଏନ୍‌ଏଫ୍‌ଏସ୍‌ଏ)ରେ ଜଣେ ଖାଉଟି ଚାଉଳ କି ଗହମ ନେବେ ତାହା ସେ ପସନ୍ଦ କରୁଥିଲେ। ଖାଉଟିଙ୍କୁ ମୁଣ୍ଡପିଛା ମାସକ ପାଇଁ ୫ କେଜି ଗହମ ମିଳିଥାଏ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଗହମ ଯୋଗାଣ ହେଉଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଓଡ଼ିଶାକୁ ଆସନ୍ତା ଜୁନ୍‌ରୁ ଆଉ ଗହମ ଯୋଗାଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଓଡ଼ିଶାକୁ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରାୟ ୪ଲକ୍ଷ କୁଇଣ୍ଟାଲ୍ ଗହମ ଆସିଥାଏ। କେବଳ କଟକ ଜିଲ୍ଲାକୁ ୨୯ ହଜାର କୁଇଣ୍ଟାଲ୍ ଗହମ ଯୋଗାଣ ହୋଇଥାଏ। ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ଗହମ ଯୋଗାଣ ବନ୍ଦ ହୋଇଗଲେ ସେତିକି ପରିମାଣର ଗହମ ବା ଅଟା ଖୋଲା ବଜାରରୁ ଉଠିବ। ଫଳରେ ଏହାର ପ୍ରଭାବରେ ବଜାରରେ ଅଟା ଏବଂ ସୁଜିର ଦର




ହୁ ହୁ ହୋଇ ବଢିବାର ଆଶଙ୍କା ଦେଖାଦେଇଛି।

ଏ ସଂପର୍କରେ କଟକ ବଣିକ ସଂଘର ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ପାତ୍ର କହିଛନ୍ତି, ଏହାର ପ୍ରଭାବ ନିଶ୍ଚିତ ଭାବରେ ଓଡ଼ିଶା ଖାଉଟି ବଜାର ଉପରେ ପଡିବ। ଏବେ ପୂର୍ବାପେକ୍ଷା ଓଡ଼ିଶାରେ ଗହମ ତଥା ଅଟାର ଚାହିଦା ବଢିଛି। ଅଟା ସରକାରୀ ଯୋଗାଣ ଦ୍ୱାରା ପୂରଣ ହେଉଥିଲା। କିନ୍ତୁ ଏବେ ସେହି ସ୍ଥାନ ଖୋଲା ବଜାର ନେବ। ଯଦିଓ କିଛି ଲୋକ ଗହମ ନ ମିଳିବା କାରଣରୁ ଭାତ ଖାଇବାକୁ ପସନ୍ଦ କରିବେ କିନ୍ତୁ ସେମାନଙ୍କ ସଂଖ୍ୟା ନିଶ୍ଚୟ କମ୍ ରହିବ। ଫଳରେ ବଜାରରେ ଗହମରୁ ପ୍ରସ୍ତୁତ ଅଟା ଏବଂ ସୁଜିର ମୂଲ୍ୟରେ ନିଶ୍ଚିତ କିଛି ପରିମାଣର ବୃଦ୍ଧି ଘଟିବ।

ଏ ସଂପର୍କରେ କଟକ ଜିଲ୍ଲାର ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରାୟ ମିଶ୍ର କହିଛନ୍ତି, କେନ୍ଦ୍ର ଗହମ ଯୋଗାଣ ବନ୍ଦ କରିଦେବା ଫଳରେ ଏହାର ପ୍ରଭାବ ନିଶ୍ଚିତ ଭାବରେ ବଜାର ଉପରେ ପଡିବ। ବଜାରରେ ଯେପରି ମନମୁଖୀ ଭାବେ ବ୍ୟବସାୟୀ ମୂଲ୍ୟ ଧାର୍ଯ୍ୟ ନ କରନ୍ତି ବା ଖାଉଟି ଶୋଷଣ ନ କରନ୍ତି ସେଥିପ୍ରତି ବିଶେଷ ପଦକ୍ଷେପ ନିଆଯିବ।

# ସମ୍ବିତ କ'ଣ ମହାମାନବ-ବିଜେଡି

**ପୁରୀ(ସଂପର୍କବାର୍ତ୍ତା):-** ପୁରୀ ଏମାର ମଠ ପରିସରରେ ସିଂହମୂର୍ତ୍ତି ମିଳିବା ଘଟଣାରେ ଉଦବେଗ ପ୍ରକାଶ କରିଛନ୍ତି ବିଜେପି ରଷ୍ଟ୍ରୀୟ ମୁଖପାତ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି ସମ୍ବିତ ପାତ୍ର କହିଛନ୍ତି , ଖନନ ପୂର୍ବରୁ ଜିପିଆରଏସ୍ କରାଯାଇନାହିଁ। କଣ କ୍ଷତି ହେବ ପ୍ରକଳ୍ପ କରିବା ପୂର୍ବରୁ ଗବେଷଣା କରିନଥିଲେ ରାଜ୍ୟ ସରକାର । ମାଟି ତଳେ ଅନେକ ଭଗ୍ନାବଶେଷ ଲୁଚି ରହିଛି। ଉଦବେଗ ପ୍ରକାଶ କରି ସମ୍ବିତ ପାତ୍ର କହିଛନ୍ତି , ଭଗ୍ନମୂର୍ତିକୁ ସଂରକ୍ଷଣ ନକଲେ ଆସନ୍ତା ପିଢି




କ୍ଷମା ଦେବେ ନାହିଁ । ରାଜ୍ୟ ସରକାର କଳାପାଡିଆ ଓ ଜିଦଖୋର ମାନସିକତା ଦେଖାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ସମ୍ବିତ ଉପାତ୍ର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ପୂର୍ବରୁ ଅନେକ ଥର ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଏମାର ମଠ ଖନନ ସ୍ଥଳରୁ ସିଂହମୂର୍ତ୍ତି ବାହାରିବା ଘଟଣା ପରେ ଖନନସ୍ଥଳରେ ଯାଂଚ କରିଥିଲା ଏଏସଆଇ ଟିମ ଖନନସ୍ଥଳରୁ ମିଳିଥିବା ଗଙ୍ଗବଂଶ ରାଜତ୍ୱ ସମୟରେ ବୋଲି ଅନୁମାନ କରାଯାଉଥିବ । ଟିମ କହିଥିଲା ଅନ୍ୟପଟେ ସମ୍ବିତଙ୍କ ସମାଲୋଚନା ପରେ ଏହାର କଡା ଜବାବ ଦେଇଛି ବିଜେଡି ବିଧାୟକ ଅଶ୍ୱିନି ପାତ୍ର କହିଛନ୍ତି ଏହା ସବୁ ହାସ୍ୟସ୍ପଦ ପଦ କଥା ସମ୍ବିତ ପାତ୍ର କଣ ମହାମାନବ ସେ ଯାହା କହିବେ ତାହା ବେଦର ଗାର ହେବ ଯେତେ ବେଳେ ସରକାର ପୁରୀକୁ ଆନ୍ତର୍ଜାତିକ ସ୍ତରରେ ମାନ୍ୟତା ଦେଉଛନ୍ତି ବିଶ୍ୱବାସୀ ଜାଣିଛନ୍ତି ପୁରୀ କଣ ଓ ପୁରୀର ମାଟି କଣ ସେ ଦୃଷ୍ଟିରୁ ସମ୍ବିତ ପାତ୍ରଙ୍କ ପିଲାକିଆମି କଥାବାର୍ତ୍ତାର କୌଣସି ମୂଲ୍ୟନାହିଁ ସରକାର ତାଙ୍କର କାର୍ଯ୍ୟ ଠିକ୍ କରୁଛନ୍ତି ଯଦି ଚ୍ୟାଲେଞ୍ଜ ହୁଏ ସରକାର ଆଇନର ଲଢେଇ ଲଢିବାକୁ ପ୍ରସ୍ତୁତ ଏଏସଆଇ କହୁକି ଯିଏ ଯାହା କହୁ ସରକାରଙ୍କ ଲକ୍ଷ୍ୟ ମହାନ୍ ଏ କ୍ଷେତ୍ରରେ ରାଜନୀତିକ ଉଦ୍ଦେଶ୍ୟ କିଛି କାମ ଦେବନି ଜାତି ଭେଦର କିଛି କଥା ନାହିଁ ସର୍ବ ପ୍ରତୀକ ହେଲେ ମହାପ୍ରଭୁ ବିରୋଧୀ ଯେତେ ଚିତ୍କାର କଲେ କିଛି ହେବନି ।

# ଖାଲି ପଡିଥିବା ସରକାରୀ ପଦବୀରେ କାହାକୁ ନିଯୁକ୍ତି ଦେବା କର୍ମଚାରୀଙ୍କ ଅଧିକାର ନୁହେଁ- ଓଡିଶା ହାଇକୋର୍ଟ

**କଟକ(ସଂପର୍କବାର୍ତ୍ତା):-** ଓଡିଶା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ କୌଣସି ସରକାରୀ ପଦବୀ ପଡିବା ଅର୍ଥ ସେହି ପଦବୀରେ ଜଣେ ସରକାରୀ କର୍ମଚାରୀଙ୍କ ନିଯୁକ୍ତି ପାଇବା ସଂପୃକ୍ତ କର୍ମଚାରୀଙ୍କର ଆଇନଗତ ଅଧିକାର ନୁହେଁ ବୋଲି କହିଛନ୍ତି ଓଡିଶା ହାଇକୋର୍ଟ ଏସସିବି ମେଡିକାଲ କଲେଜରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗରେ ଦୁଇଟି ଆସି ଷ୍ଟାଣ୍ଡ ପ୍ରଫେସର ପଦବୀ ଖାଲି ପଡିଛି। ସେଠାରେ ଜଣେ ଆସିଷ୍ଟାଣ୍ଡ ପ୍ରଫେସର ଏମକେସିଜି ମେଡିକାଲ କଲେଜରୁ ଡେପୁଟେସନରେ ଆସି କାର୍ଯ୍ୟ କରୁଛନ୍ତି। ଡେପୁଟେସନରେ ଆସିଥିବା ପ୍ରସୂତୀ ରୋଗ ଆସିଷ୍ଟାଣ୍ଡ ପ୍ରଫେସରଙ୍କୁ ସେହି ପଦବୀରେ ନିଯୁକ୍ତ ଦେବାକୁ ପ୍ରାର୍ଥନା କରି ସେ ହାଇକୋର୍ଟକୁ ଦ୍ୱାରସ୍ଥ ହୋଇଥଲେ। ଏସସିବିରେ ଦୁଇଟି ଆସିଷ୍ଟାଣ୍ଡ ପ୍ରଫେସର ପରଣ ପାଇଁ ଓଡିଶା ଲୋକସେବା ଆୟୋଗ ବିଜ୍ଞାପନ ପ୍ରକାଶ କରିଥିଲେ। ଏହି ଦୁଇଟି ପଦବୀରେ ଗୋଟିଏ ପଦବୀରେ ଆବେଦନକାରୀଙ୍କ ନିୟମିତ କରିବାକୁ ସେ ପ୍ରାର୍ଥନା କରିଥିଲେ। ଏଭଳି ଯୁକ୍ତିକୁ ଓଡିଶା ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଆଗ୍ରାହ୍ୟ କରିବା ସହ ପିଟିସନକୁ ଖାରଜ କରି ଦେଇଛନ୍ତି।




ଅସ୍ତରଙ୍ଗ ବ୍ଲକ୍‌ର କୁହୁଡିଠାରେ ୯୨ତମ ଲବଣ ସତ୍ୟାଗ୍ରହ ସମାରୋହ-୨୦୨୨ରେ ଯୋଗଦାନ କରିବା ଅବସରରେ ଜଗତସିଂହପୁର ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ ଓ ଜଳସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗ ଦେଉଛନ୍ତି

ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୮୬୩୭୨୨୪୧୮୯(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)

ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।

Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera